## ସଂକ୍ଷେପରେ

### ଶ୍ରାବଣ ମାସ ଉପଲକ୍ଷେ ଗଉଞ୍ଜୁ, ଡୁରା ଶୈବପୀଠରେ ଯଜ୍ଞ ଆରମ୍ଭ

**ବ୍ରହ୍ମପୁର ଅଫିସ,୧୭।୭:** ବ୍ରହ୍ମପୁର ନିକଟ ଗଉଞ୍ଜୁରେ ମହୁରୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଶତାଧିକ ବର୍ଷର ଅଷ୍ଟଶମ୍ଭୁ ସୋମେଶ୍ୱର ଶୈବପୀଠରେ ବୁଧବାର ଆରମ୍ଭ ହୋଇଛି ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ। ଏହା ମାସେ ବ୍ୟାପି ଚାଲିବ ଏବଂ ଅଗଷ୍ଟ ୧୫ ଶ୍ରାବଣ ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ଦିଆଯିବ। ମୁଖ୍ୟ ପରିଚାଳକ ପଣ୍ଡିତ ଅକ୍ଷୟ କୁମାର ପାଢ଼ୀଙ୍କ ସୂଚନାନୁସାରେ, ପ୍ରତିଦିନ ସୂର୍ଯ୍ୟପୂଜା, ବିଷ୍ଣୁପୂଜା, ରୁଦ୍ର ମଣ୍ଡଳ ପୂଜା, ଗାୟତ୍ରୀ ମଣ୍ଡଳ, ଚଣ୍ଡୀମଣ୍ଡଳ ଓ ନବଗ୍ରହ ମଣ୍ଡଳ ପୂଜା ଅନୁଷ୍ଠିତ ହେବ। ଏହା ସହ ବାସ୍ତୁମଣ୍ଡଳ ପୂଜା, ଲକ୍ଷାଧିକ ବେଲପତ୍ର ଅର୍ଚ୍ଚନ, ଘୃତଯଜ୍ଞ, ସ୍ତୁତି ସ୍ତୋତ୍ର ପଠନ ଆଦି କାର୍ଯ୍ୟକ୍ରମ ରହିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

ସେହିପରି ଡୁରା ଗ୍ରାମରେ ଶ୍ରାବଣ ମାସ ଉପଲକ୍ଷେ ମୁକ୍ତେଶ୍ୱର ମହାଦେବ ମନ୍ଦିରରେ ମଧ ସପ୍ତମ ରୁଦ୍ରାଭିଷେକ ଯଜ୍ଞ ବୁଧବାରରୁ ଆରମ୍ଭ ହୋଇଛି। ଏହା ମଧ ମାସେ ବ୍ୟାପୀ ଚାଲିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦିବସରେ ବିଷ୍ଣୁ ସହସ୍ରାର୍ଚ୍ଚନ, ଶ୍ରୀମଦ୍ ଭଗବଦ୍ ଗୀତା ପାଠ, ହନୁମାନ ଚାଲିଶା, ସୁନ୍ଦରାକାଣ୍ଡ, ନାମ ସଂକୀର୍ତ୍ତନ ଓ ଅନ୍ନଯଜ୍ଞର ଆୟୋଜନ କରାଯାଇଛି। କାମାକ୍ଷା ପ୍ରସାଦ ପାଢ଼ୀ, ପ୍ରକାଶ ଚନ୍ଦ୍ର ପାଢ଼ୀ ଓ ହରିକୃଷ୍ଣ ପାଢ଼ୀଙ୍କ ସମେତ ପଣ୍ଡିତ ଓ ପୁରୋହିତମାନେ ଯଜ୍ଞ ପରିଚାଳନା କରୁଛନ୍ତି। ଡୁରାରେ ମଧ ଭକ୍ତଙ୍କ ସମାଗମ ବଢ଼ୁଛି।

### ଗଞ୍ଜାମରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ଗଞ୍ଜାମ,୧୭।୭(ଡି.ଏନ.ଏ.):** ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବିଜୁ କନ୍ୟାରତ୍ନ ଯୋଜନାରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ବଡ଼ବଜାର ଦଳିତ ସାହି ଅଙ୍ଗନୱାଡି ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଜ୍ୟୋତି ଶଙ୍କର ରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ ଏବଂ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ଡ. ବନୋଜ କାନ୍ତ କର ପ୍ରମୁଖ ମଞ୍ଚାସୀନ ଥିଲେ। ସୁପରଭାଇଜର କଳାବତୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କନ୍ୟା ହେଉଛି ଅମୂଲ୍ୟ ରତ୍ନ ବୋଲି ଅତିଥିମାନେ କହିଥିଲେ। କନ୍ୟା ସନ୍ତାନ ଜନ୍ମ ହୋଇଥିବା ୫ ଜଣ ମା'ଙ୍କୁ ଚାରା, ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ବବିତା ପଣ୍ଡା ଅଙ୍ଗନୱାଡ଼ିରେ ଥିବା ସମସ୍ୟା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଏସ୍‌ଏଚ୍‌ଜି ମହିଳା ଓ ୱାର୍ଡବାସୀ ଉପସ୍ଥିତ ଥିଲେ।

## ■ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ

# କଲ୍ୟାଣମଣ୍ଡପକୁ ସ୍ଥାନାନ୍ତରଣର ବିରୋଧ

ବ୍ରହ୍ମପୁର ଅଫିସ,୧୭।୭

ବ୍ରହ୍ମପୁର ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ଉପକଣ୍ଠ ତଥା କନିଷିସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର କରାଯିବା ଘୋଷଣା ପରେ ବିଭିନ୍ନ ସଂଗଠନ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ଉକ୍ତ ଘରୋଇ କଲ୍ୟାଣ ମଣ୍ଡପକୁ ମାସିକ ୮ ଲକ୍ଷ ଟଙ୍କାରେ ବାର୍ଷିକ ୧କୋଟି ଟଙ୍କା ଭଡା ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏଥିପାଇଁ କୌଣସି ଟେଣ୍ଡର ପ୍ରକ୍ରିୟା ହୋଇ ନ ଥିବା ଅଭିଯୋଗ ହୋଇଛି । ତୁରନ୍ତ ବିନା ଟେଣ୍ଡରରେ ବିଶ୍ୱବିଦ୍ୟାଳୟକୁ ଭଡାଘରେ ପରିଚାଳିତ କରିବାକୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶନାମାକୁ ରଦ୍ଦ କରିବାକୁ ବୁଧବାର ଭାରତୀୟ ବିକାଶ ପରିଷଦ ଦାବି କରିଛି । ଏଥିସହ ବିନା ଟେଣ୍ଡରରେ ସହରଠାରୁ ପ୍ରାୟ ୭ କି.ମି. ଦୂରରେ ଘରୋଇ କଲ୍ୟାଣ ମଣ୍ଡପରେ ଏହାକୁ ଭଡାରେ ପରିଚାଳିତ କରିବାକୁ ନେଇ ଗୃହୀତ ନିର୍ଦ୍ଦେଶନାମା ସହ ଜଡିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିଷଦ ଦାବି କରିଛି । ବିଜିପୁର ସନ୍ତୋଷୀ ମା' ମନ୍ଦିର ପରିସରସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ବୁଧବାର ଏହା କହିଛନ୍ତି । ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ୩ ବର୍ଷ ପୂରି ଯାଇଛି । ଏହାର ସ୍ଥାୟୀ କ୍ୟାମ୍ପସ ପାଲୁର ହିଲଠାରେ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଛନ୍ତି । ଏଥିସହ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରଶାସନିକ କୋଠା ପାଇଁ ୫ କୋଟି, ଶୌଚାଳୟ ବାବଦକୁ ୧ କୋଟି, ଖେଳପଡିଆ ଉନ୍ନତୀକରଣ ପାଇଁ ୫ କୋଟି ଟଙ୍କା ଅନୁଦାନ ମଧ ଘୋଷଣା କରାଯାଇଛି । ଏହାସତ୍ତ୍ୱେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପରିବର୍ତ୍ତେ ରାଜକୋଷରୁ ଟଙ୍କା ହାତେଇବା ଉଦ୍ଦେଶ୍ୟରେ ସ୍ଥାନ ଅଭାବ ଆଳ ଦେଖାଇ ବିନା ଟେଣ୍ଡରରେ ଏକ ଘରୋଇ କଲ୍ୟାଣ ମଣ୍ଡପକୁ ଭଡାରେ ଦେବାକୁ ନିଷ୍ପତ୍ତି ନିଆଯାଇଛି । ବିନା ଟେଣ୍ଡରରେ ବିଶ୍ୱବିଦ୍ୟାଳୟ ପାଇଁ ଭଡାରେ ନିଆଯିବାକୁ ଥିବା ଘରୋଇ କଲ୍ୟାଣ ମଣ୍ଡପ ବାବଦକୁ ବାର୍ଷିକ ଏକ କୋଟି ଟଙ୍କାର ବ୍ୟୟବରାଦ ପାଇଁ ହୋଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ରଦ୍ଦ କରିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି । ଏହି ନିର୍ଦ୍ଦେଶନାମାରେ ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, ବିତ୍ତ ନିୟନ୍ତ୍ରକ ଓ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ସଭାପତି ପାଣିଗ୍ରାହୀ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ପରିଷଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହ ନିର୍ଦ୍ଦେଶନାମା ପ୍ରଦାନରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀଙ୍କ ବିରୋଦ୍ଧରେ ଫୌଜଦାରି ମକଦ୍ଦମା କରିବ ବୋଲି ଚେତାବନୀ ଶୁଣାଇଛି । ଖବରଦାତା ସମ୍ମିଳନୀରେ ପରିଷଦ ଜିଲା ସଭାପତି ସୂର୍ଯ୍ୟନାରାୟଣ ବେହେରା, ଖାଉଟି ସୁରକ୍ଷା ମଞ୍ଚର ରାଜେନ୍ଦ୍ର ଦଳ ବେହେରା, ଶ୍ୟାମ ସୁନ୍ଦର ଖାଡଙ୍ଗା, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ରବି ରଥ, ଗଞ୍ଜାମ ଜିଲା ବିକାଶ ମଞ୍ଚର ମାନସ ପାତ୍ର ଓ ରଜନୀ କାନ୍ତ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ ।



ଖବରଦାତା ସମ୍ମିଳନୀରେ ପରିଷଦର କର୍ମକର୍ତ୍ତା ।

■ ଭାରତୀୟ ବିକାଶ ପରିଷଦର ଅଭିଯୋଗ
■ ବିନା ଟେଣ୍ଡରରେ ହୋଇଛି ନିର୍ଦ୍ଦେଶନାମା
■ ୧୫ ଦିନରେ କାର୍ଯ୍ୟାନୁଷ୍ଠାନ ଦାବି

### ଦ୍ୱିତୀୟ ଦିନରେ ଏଆଇଡିଏସ୍‌ଓର ଧାରଣା

### ସ୍ଥାନାନ୍ତର ନିର୍ଦ୍ଦେଶନାମା ରଦ୍ଦ କରିବାକୁ ଦାବି

ବ୍ରହ୍ମପୁର ଅଫିସ,-ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ କନିଷିସ୍ଥିତ ଘରୋଇ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତରକୁ ନେଇ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ଖଲ୍ଲିକୋଟ କଲେଜ ଫାଟକ ସମ୍ମୁଖରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍‌ସ ଅର୍ଗାନାଇଜେଶନ୍(ଏଆଇଡିଏସ୍‌ଓ) ପକ୍ଷରୁ ଦିଆଯାଇଥିବା ଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଘରୋଇ କଲ୍ୟାଣ ମଣ୍ଡପ ସ୍ଥାନାନ୍ତର ଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟ ହେବା ଡିଏସ୍‌ଓ ପକ୍ଷରୁ କୁହାଯାଇଛି । ତୁରନ୍ତ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହୃତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଧାରଣାରେ ସଂଗଠନ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ, ରଞ୍ଜନ ସେଠୀ, କିଶାନ ସାହୁ, ପପୁନ ସାହୁ, କାମରାଜ ସାହୁଙ୍କ ସମେତ ବହୁ ସଦସ୍ୟ ସମିଲ ହୋଇଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ବଳବତ୍ତର ରଖିବାକୁ ସଂଗଠନ ପକ୍ଷରୁ କୁହାଯାଇଛି ।

### ଲାଇସେନ୍ସ ନବୀକରଣ ପାଇଁ ଲାଞ୍ଚ

## ଭିଜିଲାନ୍ସ ଜାଲରେ ପିଅନ

ବ୍ରହ୍ମପୁର ଅଫିସ,୧୭।୭

କେଶପୁରରେ ଥିବା ଓମ୍ ସାଇରାମ ରୁଟି ଫ୍ୟାକ୍ଟ୍ରି ଫୁଡ୍ ଲାଇସେନ୍ସ ନବୀକରଣ ପାଇଁ ୧୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ସିଡିଏମ୍‌ଓ ଅଫିସରେ କାର୍ଯ୍ୟରତ ପିଅନ ବିନୋଦ କୁମାର ବେହେରା ଭିଜିଲାନ୍ସ ଜାଲରେ ଗିରଫ ହୋଇଛନ୍ତି। ମାମଲା ନଂ ୧୭/୧୯ରେ ବିନୋଦଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦ୍ରନପୁରର ଜିତେନ୍ଦ୍ର କୁମାର ସ୍ୱାଇଁ କେଶପୁରରେ ରୁଟି ଫ୍ୟାକ୍ଟ୍ରି କରିଛନ୍ତି। ଏହାର ଫୁଡ ଲାଇସେନ୍ସ ନବୀକରଣ ପାଇଁ ସେ ବ୍ରହ୍ମପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ଫୁଡ୍ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କିଛି ବର୍ଷ ହେବ କେହି ଫୁଡ ଇନ୍ସପେକ୍ଟର ନ ଥିବା ବେଳେ ପିଅନ ବିନୋଦ ଦାୟିତ୍ୱ ତୁଲାଉଛନ୍ତି। ମାଲିକ ଜିତେନ୍ଦ୍ର ପିଅନଙ୍କୁ ତାଙ୍କ ଫ୍ୟାକ୍ଟ୍ରି ଲାଇସେନ୍ସ ନବୀକରଣ ପାଇଁ କହିଥିଲେ। ଏଥିପାଇଁ ବିନୋଦ ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଦାବି ମୁତାବକ ଜିତେନ୍ଦ୍ର ବୁଧବାର ବିନୋଦଙ୍କୁ ୧୫୦୦ ଟଙ୍କା ଦେଇଥିଲେ। ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ।


ଗଜପତି ନଗରରେ ସବୁଜ ବାହିନୀ, ଜନଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା ଓ ଅନ୍ୟମାନେ । (ଫଟୋ-ସମୀର)

## ଲୁଟେରା ଗିରଫ, ସୁନା ଚେନ୍ ଜବତ

ବ୍ରହ୍ମପୁର ଅଫିସ,୧୭।୭

ଟାଉନ ଥାନା ପୋଲିସ ଜଣେ ଲୁଟେରାଙ୍କୁ ବୁଧବାର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରିଛି। ଲୁଟେରା ଜଣଙ୍କ ଗୋଷାଣୀନୂଆଗାଁର ମାଙ୍ଗା ଓରଫ ରାକେଶ କୁମାର ପଣ୍ଡା ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ସୁନାଚେନ ଜବତ କରାଯାଇଛି। ମାଙ୍ଗା ଓରଫ ରାକେଶ ପଣ୍ଡା ଜଣେ ପେଷାଦାର ଅପରାଧୀ ବୋଲି ପୋଲିସ କହିଛି। ମାମଲା ନଂ.୧୨୬/୧୯ରେ ରାକେଶ ପଣ୍ଡାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜୁନ ୧୭ ତାରିଖ ଅପରାହ୍ନ ୪ଟା ବେଳେ କରିସ୍ମା ସାବତ ନାମ୍ନୀ ଜଣେ ଛାତ୍ରୀ ଖଲ୍ଲିକୋଟ କଲେଜ ଦେଇ ଟିଉଶନକୁ ଯାଉଥିଲେ। ଜଣେ ଦୁର୍ବୃତ୍ତ ତାଙ୍କୁ ଧକ୍କା ଦେବା ସହ ତାଙ୍କ ବେକରୁ ଏକ ସୁନାଚେନ ଝାମ୍ପି ଚମ୍ପଟ ମାରିଥିଲେ। ସେହିପରି ମାର୍ଚ୍ଚ ୬ ତାରିଖରେ ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟରୁ ମହିଳାଙ୍କୁ ପିଛାକରି ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଯାଇଥିଲେ। ଅଭିଯୋଗ ପରେ ପୋଲିସ ଏହିସବୁ ଘଟଣାର ଅନୁସନ୍ଧାନ ବେଳେ ମାଙ୍ଗା ଓରଫ ରାକେଶ ପଣ୍ଡା ଏହି କାଣ୍ଡ ଘଟାଇଥିବା ଜାଣିବାକୁ ପାଇଥିଲା। ପୋଲିସ ଦୁଇଟି ସୁନାହାର ରାକେଶଙ୍କଠାରୁ ଜବତ କରିଛି।


ଜବତ ସୁନାଚେନ।

## ରେଳଧାରଣା କଡ଼ରୁ ଗଳିତ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୭।୭

ବ୍ରହ୍ମପୁର ରେଳବାଇ ପୋଲିସ ବୁଧବାର ସକାଳେ ହୁମ୍ମା-ରମ୍ଭା ରେଳଧାରଣା କଡ଼ରୁ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କର ଆନୁମାନିକ ବୟସ ୩୭ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ଉଦ୍ଧାର କରି ନଂ.୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ମୃତଦେହ ଚିହ୍ନଟ ହୋଇପାରି ନ ଥିବା ବେଳେ ତାହା ୭୨ ଘଣ୍ଟା ପାଇଁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ପୋଲିସ ସୂଚନା ଦେଇଛି।

# ଟଙ୍କା ଲୋଭରେ ନାବାଳକ ଘଟାଉଛନ୍ତି ଅପରାଧ

ବ୍ରହ୍ମପୁର ଅଫିସ,୧୭।୭

ଏବେ ସମସ୍ତେ ଏକ ବିଳାସପୂର୍ଣ୍ଣ ଜୀବନ ଶୈଳୀ ବିତାଇବା ପାଇଁ ଇଚ୍ଛା କରୁଛନ୍ତି। ଏଥିପାଇଁ କିଏ କଠିନ ପରିଶ୍ରମ କରୁଛି ତ ଆଉ କେହି ଧନୀ ହେବା ପାଇଁ ଅପରାଧ ରାସ୍ତା ବାଛି ନେଉଛନ୍ତି। ଠିକ୍ ସେହିଭଳି ନାବାଳକମାନେ ମଧ ଟଙ୍କା ଲୋଭରେ ଅପରାଧ ରାସ୍ତାରେ ଯାଉଛନ୍ତି। ଯେଉଁ ନାବାଳକ ଏଭଳି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହି ଧରା ପଡୁଛନ୍ତି ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ବାଳସୁଧାର ଗୃହରେ କାଉନସେଲିଂ କରାଯାଉଛି। କିନ୍ତୁ ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି କେତେକ ନାବାଳକ ବାଳ ସୁଧାର ଗୃହରୁ ଆସିବା ପରେ ପୁଣିଥରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହି ଧରାପଡୁଛନ୍ତି। ଏହା ଏବେ ଆମ ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଅପରାଧରେ ସାମିଲ ହେବା ପଛରେ ଟଙ୍କା ଲୋଭ ହିଁ ଏକମାତ୍ର କାରଣ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବ୍ରହ୍ମପୁର ପୋଲିସ ଜିଲାର ଗତ ୧୦ ବର୍ଷ ମଧ୍ୟରେ ନାବାଳକମାନେ ବହୁ ଜଘନ୍ୟ କାଣ୍ଡ ଘଟାଇଛନ୍ତି। ଏପରିକି ଟଙ୍କା ଲୋଭରେ ପଡ଼ି ହତ୍ୟା କରିବାକୁ ମଧ ସେମାନେ ପଛାଇ ନାହାନ୍ତି।

୨୦୧୬ରୁ ୨୦୧୯ ଜୁନ ସାଢ଼େ ୩ ବର୍ଷରେ ବ୍ରହ୍ମପୁର ପୋଲିସ ଜିଲାରେ ୮୯ ନାବାଳକ ବିଭିନ୍ନ ଆପରାଧିକ ମାମଲାରେ ଧରା ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଦାମୀ ମୋବାଇଲ ଫୋନ, ସ୍ପିଡ୍ ବାଇକ ଆଶା କିପରି ପୂରଣ ସେ ଚିନ୍ତାରେ ରହୁଛନ୍ତି। ତା' ସାଙ୍ଗକୁ ଘାରୁଛି ଟଙ୍କା ଲୋଭ। ଉତ୍ତମ ଶିକ୍ଷା ଓ ଚରିତ୍ର ଗଠନ ଦ୍ୱାରା ନାବାଳକମାନେ ନିଜକୁ ଅପରାଧ ଦୁନିଆରୁ ଦୂରେଇ ରଖିପାରିବେ। ତଥାପି ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇ ପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତ କିଛିମାସ ମଧ୍ୟରେ ସହର ସଦର ଥାନା ଇଲାକାରେ ତାଲା ବନ୍ଦ ଘରୁ ନାବାଳକମାନେ ସୁନା ଗହଣା ଓ ଟଙ୍କା ଚୋରି କରିଥିଲେ। ଏପରିକି ବଡ଼ବଜାର ଅଞ୍ଚଳରେ ୪ ବାଇକ୍ ଚୋରି, ଗୋଷାଣୀନୂଆଗାଁ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗର ନିକଟରେ ଥିବା କେଟିଏମ୍ ଶୋ'ରୁମରୁ ଟଙ୍କା ଚୋରି, କାଞ୍ଚିବାରି ସାହି ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ନାବାଳକମାନେ ସମ୍ପୃକ୍ତ ଥିବା ଜଣାପଡିଛି। ସେହିପରି ବୈଦ୍ୟନାଥପୁର ଥାନା ଇଲାକାରେ ୨ ଚୋରି ଘଟଣାରେ ପୋଲିସ କେତେକ ନାବାଳକଙ୍କୁ ଧରିଛି। ଏଥିପୂର୍ବରୁ ୨ ଜଣ ନାବାଳକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡିରେ ଥିବା ଏକ ସିମେଣ୍ଟ ଦୋକାନରୁ ୫ ଲକ୍ଷ ୨୫ ହଜାର ଟଙ୍କା ଚୋରି କରିଥିଲେ। ଏହା ପରେ ସେମାନେ ଏକ ବାଇକ୍ ଓ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ। ସମ୍ପ୍ରତି ନାବାଳକମାନେ ଅପରାଧ ଦୁନିଆକୁ ଓହ୍ଲାଉଥିବା ବେଳେ ସମାଜ ପାଇଁ ଏହା ଏକ ଚିନ୍ତାର କାରଣ ହୋଇଛି। ବିଶେଷକରି ନୈତିକ ଶିକ୍ଷା ହ୍ରାସ ଯୋଗୁ ନାବାଳକମାନେ ବାରମ୍ବାର ଅପରାଧ ଘଟାଉଥିବା ନେଇ ମନସ୍ତତ୍ତ୍ୱବିତ୍ ସୁଦୀପ୍ତା ପାଣିଗ୍ରାହୀ କହିଛନ୍ତି, ଯୁବପିଢ଼ି ବିପଥଗାମୀ ହେବା ପଛରେ ଉଭୟ ପରିବାର ଓ ଶିକ୍ଷକଙ୍କ ଭୂମିକା ରହିଛି। ବିଶେଷକରି ନାବାଳକମାନଙ୍କୁ ସୁଧାର ଗୃହରେ ନାମକୁ ମାତ୍ର ସଂସ୍କାରମୂଳକ ଶିକ୍ଷା ଦିଆ ନ ଯାଇ ଏଥିପ୍ରତି ଗୁରୁତ୍ୱ ଦେବାକୁ ହେବ।

**ବ୍ରହ୍ମପୁର ସହର**

| ବର୍ଷ | ମାମଲା | ନାବାଳକଙ୍କ ସମ୍ପୃକ୍ତି |
|---|---|---|
| ୨୦୧୬ | ୨୧ | ୨୪ |
| ୨୦୧୭ | ୧୫ | ୨୧ |
| ୨୦୧୮ | ୧୯ | ୨୨ |
| ୨୦୧୯ (ଜୁନ ସୁଦ୍ଧା) | ୧୮ | ୨୨ |

## ■ ସେବା ମହାବିଦ୍ୟାଳୟ ଛାତ୍ରଙ୍କୁ ଛାତ୍ରାବାସ ପ୍ରଦାନ ଦାବି

# ଉଦ୍‌ଘାଟନ ପରେ ବି ଛାତ୍ରଙ୍କୁ ରହିବାକୁ ମିଳୁନି ଅନୁମତି

ବ୍ରହ୍ମପୁର ଅଫିସ,୧୭।୭

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଥିବା ସରକାରୀ ସେବା(ନର୍ସିଂ) ମହାବିଦ୍ୟାଳୟର ଛାତ୍ରଙ୍କୁ ଛାତ୍ରାବାସ ପ୍ରଦାନ କରାଯିବାକୁ ଦାବି ହୋଇଛି । ଏନେଇ ଛାତ୍ରମାନେ ବୁଧବାର ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ୨୦୦୯ରୁ ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବା ପୁରୁଷ ନର୍ସିଂ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣ ହୋଇଛି। ଗତ ସପ୍ତାହରେ ଏହାର ଉଦ୍‌ଘାଟନ ମଧ ସରିଛି । କିନ୍ତୁ ଏଯାଏ ଛାତ୍ରାବାସରେ ରହିବାକୁ ଅନୁମତି ପ୍ରଦାନ କରାଯାଉ ନ ଥିବା ଆନ୍ଦୋଳନରତ ଛାତ୍ରମାନେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ୨୦୦୯ରୁ ମହାବିଦ୍ୟାଳୟରେ ପୁରୁଷ ସେବା ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ବର୍ତ୍ତମାନ ଏହି ମହାବିଦ୍ୟାଳୟର ପୁରୁଷ ବେସିକ୍ ନର୍ସିଂରେ ୧୬, ପୋଷ୍ଟ ବେସିକ ନର୍ସିଂରେ ୮୭ ଏବଂ ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ଜଣେ ଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ରହିବାକୁ ଛାତ୍ରାବାସ ନିର୍ମାଣ ପାଇଁ ବହୁବାର ଦାବି ହୋଇଥିଲା। ଏହାପରେ ମହାବିଦ୍ୟାଳୟ ପରିସରରେ ଛାତ୍ରାବାସ ନିର୍ମାଣ ପାଇଁ ୨୦୧୭ ଫେବୃୟାରୀରେ ରାଜ୍ୟ ସରକାରଙ୍କ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ଅନୁମତି ମିଳିଥିଲା। ଏବେ ୨୬୨.୨୭ ଲକ୍ଷ ଟଙ୍କା ବ୍ୟୟରେ ମହାବିଦ୍ୟାଳୟ ପରିସରରେ ୧୧ କୋଠରି ବିଶିଷ୍ଟ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ମଧ ସରିଛି। ଗତ ସପ୍ତାହରେ ଏହି ଛାତ୍ରାବାସର ଉଦ୍‌ଘାଟନ ମଧ ହୋଇଛି । ତଥାପି ଏଯାଏ ରହିବାକୁ ଅନୁମତି ପ୍ରଦାନ କରାଯାଇ ନ ଥିବା ଛାତ୍ରମାନେ କହିଛନ୍ତି। ସନ୍ଧ୍ୟାରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଆନ୍ଦୋଳନସ୍ଥଳରେ ପହଞ୍ଚି ଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଦାବି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବା ନେଇ ସେ କହିଥିଲେ । କିନ୍ତୁ ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ଦେବାରେ ଉପଜିଲାପାଳ ଅସମର୍ଥ ହୋଇଥିଲେ । ଫଳରେ ଗୁରୁବାର ପୁଣି ଆନ୍ଦୋଳନ ବଳବତ୍ତର ରଖିବାକୁ ନିଷ୍ପତ୍ତି ନେଇଥିବା ଛାତ୍ରମାନେ କହିଛନ୍ତି । ଅନ୍ୟପକ୍ଷରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଛାତ୍ରାବାସ ନିର୍ମାଣ ଓ ଉଦ୍‌ଘାଟନକୁ ଅସ୍ୱୀକାର କରିଛନ୍ତି । ବର୍ତ୍ତମାନ ଛାତ୍ରାବାସ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି । ପ୍ରସ୍ତାବ ଗୃହୀତ ହେବା ପରେ ଛାତ୍ରାବାସ ନିର୍ମାଣ କରାଯାଇ ଛାତ୍ରମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଅଧକ୍ଷା କହିଛନ୍ତି । ସେବାଛାତ୍ରଙ୍କ ଏହି ଆନ୍ଦୋଳନକୁ ଅଲ ଇଣ୍ଡିଆ ଡିଏସ୍‌ଓ ପୂର୍ଣ୍ଣମାତ୍ରରେ ସମର୍ଥନ ଜଣାଇଛି । ମହାବିଦ୍ୟାଳୟ ନର୍ସିଂ ଛାତ୍ର କେଦାର ନାଥ ବେହେରା, ବିନୋଦ ନାୟକ, ଜଗନ୍ନାଥ ବେହେରା, ଅଭିଲାଷ ପାତ୍ର, ଦିବ୍ୟଲୋଚନ ପଣ୍ଡା, ସୌରଭ ସେଠୀ ଓ ପ୍ରଣବ ସାହୁଙ୍କ ସମେତ ସମସ୍ତ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ ।



ଛାତ୍ରମାନେ କଲେଜ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି ।

■ ପ୍ରତିବାଦରେ କଲେଜ ଫାଟକ ଆଗରେ ଧାରଣା ଦେଲେ
■ ପ୍ରତିଶ୍ରୁତି ଦେବାରେ ଅସଫଳ ହେଲେ ଉପଜିଲାପାଳ

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୭ ଗିରଫ ୩ ବାଇକ୍ ସହ ଟଙ୍କା ଜବତ

**ହାଡିଓଟ,୧୭।୭:** ପୋଲସରା ବ୍ଲକ ରୁମାଗଡ଼ ଗ୍ରାମର ଅଳ୍ପ ଦୂରରେ ଥିବା କୁମୁଟିତୋଟାଠାରେ ଏକ ଜୁଆ ଆଡ୍ଡାରେ ବୁଧବାର ସନ୍ଧ୍ୟା ୬ଟାରେ ପୋଲିସ ଚଢ଼ାଉ କରି ୭ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ ବାଇକ୍ ସହ ୩୦ ହଜାର ୭୮୦ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୧୫୦/୧୯ରେ ମାମଲା ରୁଜୁ କରି ଗୁରୁବାର କୋଦଳା କୋର୍ଟକୁ ଚାଲାଣ କରାଯିବ ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

### ଗଞ୍ଜାମ ବ୍ଲକ: ସମସ୍ୟା ଘେରରେ ଝାଡ଼କୁଦା ଗ୍ରାମ



**ଗଞ୍ଜାମ,୧୭।୭(ଡି.ଏନ.ଏ.):** ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ତାହା କେତେ କାର୍ଯ୍ୟକାରୀ ହେଉଛି ତାହା ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତ ଝାଡ଼କୁଦା ଗ୍ରାମରୁ ଜଣାପଡୁଛି। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଏକ କିମି ଦୂରରେ ଏହି ଗ୍ରାମ। ଗ୍ରାମରେ ପ୍ରାୟ ୧୨୦ ଘର ରହିଥିବା ବେଳେ ଗାଁକୁ ସଂଯୋଗ କରୁଥିବା ତୋକଡ଼ିଆ ରାସ୍ତା ହିଁ ଗ୍ରାମବାସୀଙ୍କ ଭରସା। କିନ୍ତୁ ଗ୍ରାମର ବହୁ ଲୋକେ ଏବେ ମଧ ମୌଳିକ ସମସ୍ୟାରୁ ବଞ୍ଚିତ ଅଛନ୍ତି। ଏଠାରେ ନା ପକ୍କା ସଡ଼କ ଅଛି ନା ଆବଶ୍ୟକ ପାନୀୟ ଜଳ ବ୍ୟବସ୍ଥା। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନ କହିବା ଭଲ । ଗ୍ରାମକୁ ଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମରେ ଥିବା ଏକମାତ୍ର ପୋଖରୀର ପୁନରୁଦ୍ଧାର ହେଉନାହିଁ । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୧୫-୧୬ରେ ପୋଖରୀ ପୁନରୁଦ୍ଧାର କରାଯାଇଥିଲା। ତାହା ଏବେ ପୋତି ହୋଇଗଲାଣି । ଫଳରେ ଲୋକମାନେ ରେଳଲାଇନ ନିକଟରେ ଥିବା ଦୂଷିତ ପାଣିରେ ଗାଧୋଇବାକୁ ବାଧ ହେଉଥିବା ଅଭିଯୋଗ କରିଛନ୍ତି। ୨୦୧୬-୧୭ରେ ଗ୍ରାମ ନିକଟରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ମଶାଣି ଗୃହ ନିର୍ମାଣ ହୋଇଥିଲା। କିନ୍ତୁ ଏଯାବତ ରାସ୍ତାଟିଏ ହୋଇନଥିବା ଗାଁର କେ. ବିଶ୍ୱନାଥ ରେଡ୍ଡୀ ଓ କେ. ରମେଶ ଚନ୍ଦ୍ର ରେଡ୍ଡୀ କହିଛନ୍ତି । ୨୦୧୪-୧୫ରେ ଆରମ୍ଭ ହୋଇଥିବା ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ସରୁନଥିବାରୁ ଛୋଟ ଶିଶୁମାନେ ଗାଁ ନିକଟରେ ଥିବା ସ୍କୁଲରେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ସ୍କୁଲର ବାଉଣ୍ଡରିୱାଲ ନଥିବା ଯୋଗୁ କେତେବେଳେ ଯେ ଅଘଟଣ ଘଟିବ କହି ହେବ ନାହିଁ । ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି କେ. ଚନ୍ଦ୍ରଶେଖର ବହୁବାର ବିଡିଓଙ୍କୁ ଜଣାଇଥିବା କହିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନି। ଏ ସମ୍ପର୍କରେ ବିଡିଓ ଜ୍ୟୋତିଶଙ୍କର ରାଏଙ୍କୁ ପଚାରିବାରୁ ଗାଁ ଲୋକେ ଅଭିଯୋଗ କରିଛନ୍ତି । କିନ୍ତୁ ଫଣ୍ଡ ନ ଥିବା ଯୋଗୁ ସମସ୍ୟା ସୃଷ୍ଟି ହେଉଛି । ଜିପି ଫଣ୍ଡ ବାବଦରେ କଥାବାର୍ତ୍ତା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ବ୍ରହ୍ମପୁରବାସୀଙ୍କ ଯନ୍ତ୍ରଣା ବଢ଼ାଉଛି ଜାନିବିଲି

# ବୃହତ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଅସମ୍ପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୧୭।୭**

ରେଶମ ନଗରୀ ବ୍ରହ୍ମପୁରରେ ଦୀର୍ଘ ୩ ଦଶନ୍ଧି ଧରି ଲାଗି ରହିଥିବା ଭୟଙ୍କର ଜଳସଙ୍କଟର ସ୍ଥାୟୀ ସମାଧାନ ପାଇଁ ସରକାର ପ୍ରାୟ ୫ ଶହ କୋଟି ଟଙ୍କାର ଜାନିବିଲି ଯୋଜନାର ପଦକ୍ଷେପ ନେଲେ। ୨୦୧୬ ନଭେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ୨୦୧୮ ନଭେମ୍ବର ୩୦ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ମହାନଗରବାସୀଙ୍କୁ ୨୪ ଘଣ୍ଟିଆ ପାଣି ଯୋଗାଯିବାର ଘୋଷଣା କରିଥିଲେ । ହେଲେ ଅବଧି ମଧ୍ୟରେ ନିର୍ମାଣ ଶେଷ ନ ହେବାରୁ ଗତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩ରେ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାର ସାଢ଼େ ୪ ମାସ ବିତିଛି, କିନ୍ତୁ ଯୋଜନା କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

ଅପରପକ୍ଷରେ ଏକ ନାମୀଦାମୀ ଠିକା ସଂସ୍ଥାକୁ ନିର୍ମାଣ କାର୍ଯ୍ୟ ନ୍ୟସ୍ତ କରାଯାଇଛି । ସେହି ସଂସ୍ଥା ସହର ସାରା ଖୋଳି ରାସ୍ତାଘାଟ କଦର୍ଯ୍ୟ କରୁଛି । ସବୁ ସାହି ଓ ଘରଗୁଡ଼ିକୁ ପାଇପ ସଂଯୋଗ କରାଯିବାର ନକ୍ସା ପ୍ରସ୍ତୁତ ହୋଇଛି। ସବୁଠି ଗଦା ଗଦା ପାଇପ ପଡ଼ି ରହିଛି । ଯେଉଁ କେତେକ ଅଞ୍ଚଳରେ ପାଇପ ବିଛା ସରିଛି ସେଠାରେ ଖୋଳା ଯାଇଥିବା ରାସ୍ତାଗୁଡ଼ିକ ସମତୁଲ ଏବଂ ସିମେଣ୍ଟ କଂକ୍ରିଟ୍ କରାଯାଇ ନ ଥିବାରୁ ଯାନବାହନ ଓ ଲୋକଙ୍କ ଯାତାୟାତ ବିପଜ୍ଜନକ ହୋଇଯାଇଛି। ଜାନିବିଲି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଏବେ ବର୍ଷାଋତୁରେ ମଧ ମହାନଗରରେ ଜଳ ସଙ୍କଟ ଘନୀଭୂତ ହୋଇଛି । ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ସାହିବାସିନ୍ଦାମାନଙ୍କ ଆନ୍ଦୋଳନ ଓ ବିକ୍ଷୋଭ ନିତିଦିନିଆ ହୋଇଯାଇଛି ।

ଜାନିବିଲି ପ୍ରକଳ୍ପ ନେଇ ସରକାରୀ ବାବୁମାନଙ୍କ ଘନଘନ ବୈଠକ ହୋଇଛି ଓ ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଠିକା ସଂସ୍ଥା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ କରାଯାଉଛି । ହେଲେ ଠିକା ସଂସ୍ଥା କାହାରି ନିର୍ଦ୍ଦେଶ ନ ମାନି ବେଖାତିରି ଭାବେ କାମ କରୁଛି । ଜୁନ ୧୩ରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ଜନସ୍ୱାସ୍ଥ୍ୟ ଇଞ୍ଜିନିୟର ଓ ସମ୍ପୃକ୍ତ ଠିକା ସଂସ୍ଥା ଅଧିକାରୀଙ୍କ ମିଳିତ ବୈଠକ ହୋଇଥିଲା । ପ୍ରକଳ୍ପ ନିର୍ମାଣକୁ ତ୍ୱରିତ ଏବଂ ଖୋଳା ଯାଇଥିବା ରାସ୍ତାଗୁଡ଼ିକ ୧୫ ଦିନ ମଧ୍ୟରେ ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାର ମାସେ ପୂରିଛି ଏବଂ ଠିକା ସଂସ୍ଥା ରାଜନେତା ଓ ସରକାରୀ ବଡ଼ ଅଫିସରଙ୍କ ନିର୍ଦ୍ଦେଶକୁ ଫୁ କରି ଦେଇଛି । ରାସ୍ତାଗୁଡ଼ିକର ଅବସ୍ଥା ଦୟନୀୟ ହୋଇଯାଇଥିବାରୁ ଦୁଇ ଚକିଆ ଯାନ ଚଳାଚଳରେ ସମସ୍ୟା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଯୋଗାଯୋଗ ବେଳେ ଏମ୍‌ପି ସାହୁ ଠିକା ସଂସ୍ଥାର ବେପରୁଆ କାର୍ଯ୍ୟର ନିନ୍ଦା କରିଥିଲେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦିଗରେ ହାତ ଟେକି ଦେଇଛନ୍ତି । ସେହିପରି ବିଧାୟକ ବିକ୍ରମ ପଣ୍ଡା ଜାନିବିଲି ପ୍ରକଳ୍ପ ନିର୍ମାଣ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଦର୍ଶାଇଛନ୍ତି । ତେଣୁ ବ୍ରହ୍ମପୁରବାସୀଙ୍କୁ ଜାନିବିଲି ଯନ୍ତ୍ରଣା ବଢ଼ାଇବାରେ ଲାଗିଛି । ୫ ଶହ କୋଟିର ଯୋଜନା ବିଳମ୍ବ ହେବା ସ୍ୱାଭାବିକ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି ।

■ଅବଧି ପୂରିବାକୁ ଯାଉଛି ୮ ମାସ
■ନିର୍ଦ୍ଦେଶ ମାନୁନି ଠିକା ସଂସ୍ଥା
■ସହରସାରା ରାସ୍ତା ଅବସ୍ଥା ଶୋଚନୀୟ

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ




ନବଜାତ ଶିଶୁକନ୍ୟାଙ୍କ ମା'ଙ୍କୁ ପୁରସ୍କୃତ କରାଯାଉଛି ।

**ଗୋପାଳପୁର,୧୭।୭**

ବିଜୁ କନ୍ୟାରତ୍ନ ଯୋଜନାରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକ ଆଇସିଡିଏସ୍ କାର୍ଯ୍ୟାଳୟର ସମସ୍ତ ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ମିଳିତ ହୋଇ ଗ୍ରାମର ହରିଜନସାହିକୁ ଯାଇ ୨ନବଜାତ ଶିଶୁକନ୍ୟା ଘରେ ପହଞ୍ଚି ମିଷ୍ଟାନ୍ନ, ପୋଷାକ ଓ ପୁଷ୍ପଗୁଚ୍ଛ ଦେଇ ମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କରିବା ସହ କେକ୍ କଟାଯାଇଥିଲା। ସୁପରଭାଇଜର ଗୀତାରାଣୀ ରାଉଳ ପୁଅ-ଝିଅ ମଧ୍ୟରେ ଭେଦଭାବ ନ ରଖି କନ୍ୟା ସନ୍ତାନର ଯତ୍ନ ନେବାକୁ ସଚେତନ କରାଇଥିଲେ। ଏହି ଅବସରରେ ସଞ୍ଜୁଲତା ପାଣିଗ୍ରାହୀ, ଶାନ୍ତିଲତା ଶତପଥୀ, କେ. ଅନୀତା, ମମତା ମହାନ୍ତି, ଭାଗ୍ୟଲତା ପାତ୍ର, ରଣ୍ଡା ସରପଞ୍ଚ ପ୍ରଦୀପ ସାହୁ, ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜାମଗରଡା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

**ଜଗନ୍ନାଥପ୍ରସାଦ,୧୭।୭(ଡି.ଏନ.ଏ.)**

ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ସରକାର ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ। ଏହିକ୍ରମରେ ଜଗନ୍ନାଥପ୍ରସାଦ ବ୍ଲକ ଜାମଗରଡ଼ା ଠାରେ ଆଦର୍ଶ ବିଦ୍ୟାଳୟ ଖୋଲିଥିଲା। ଏଠାରେ ମୋଟ ଛାତ୍ରୀଛାତ୍ର ସଂଖ୍ୟା ୨୪୩। ୬ଷ୍ଠରେ ୮୨, ସପ୍ତମରେ ୮୧, ଅଷ୍ଟମରେ ୮୦ଜଣ। ଶିକ୍ଷକ କହିଲେ ରେଗୁଲାର ଭାବେ ସ୍କୁଲର ଅଧକ୍ଷ ସସ୍ମିତା ନିଶଙ୍କ, କଳ୍ପନା ପଣ୍ଡା, ନିବେଦିତା ସାହୁ, ସ୍ୱାଗତିକା ବଳିଆରସିଂ, ବିକାଶ ସିଂ ଏବଂ ଡେପୁଟିରେ ୨ ଜଣ ଶିକ୍ଷକ ଆସିଛନ୍ତି। ସେ ହେଲେ ରବିନାରାୟଣ ନାୟକ ଓ ଅର୍ଣ୍ଣଦା ତ୍ରିପାଠୀ। ସ୍କୁଲ ଖୋଲିବାର ବର୍ଷେ ପରେବି ଏଠାରେ ବହୁ ସମସ୍ୟା ଲାଗି ରହିଛି। ଆବଶ୍ୟକୀୟ ଶିକ୍ଷକ କର୍ମଚାରୀ ଅଭାବ ଯୋଗୁ ଜଣେ ଶିକ୍ଷକ ଦୁଇରୁ ତିନିଟି କ୍ଲାସ ନେଉଛନ୍ତି। ସ୍କୁଲରେ ରୋଷଇ ଘର ନଥିବାରୁ ୧୨ କିମି ଦୂରରୁ ରନ୍ଧାହୋଇ ଖାଦ୍ୟ ଆସୁଛି। ଆକ୍ୱାଗାର୍ଡ ନଥିବାରୁ




■ରୋଷେଇ ଘର ନାହିଁ, ୧୨କି.ମି ଦୂରରୁ ରନ୍ଧା ହୋଇ ଆସୁଛି ଖାଦ୍ୟ
■ଖେଳପଡିଆରେ ଚାଲିଛି ଡ୍ରାଇଭିଂ ଟ୍ରେନିଂ

ଟାଙ୍କି ପାଣି ପିଉଥିବାବେଳେ ଲାବ ରୁମକୁ ଡାଇନିଂ ଭାବେ ବ୍ୟବହାର କରାଯାଉଛି। ଖେଳପଡିଆ ମୁକୁଳା ପଡିଥିବାରୁ ସ୍ଥାନୀୟ ଲୋକେ ଡ୍ରାଇଭିଂ ଶିଖିବା ସହ ସନ୍ଧ୍ୟାହେଲେ ନିଶାସକ୍ତଙ୍କ ଆଡ୍ଡା ଜମୁଛି। ସ୍କୁଲ ଚାରିପଟେ ପାଚେରି କାନ୍ଥ ନାହିଁ କି ପିଲାଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ବି ନାହିଁ। ଅଧକ୍ଷ ସସ୍ମିତା ନିଶଙ୍କଙ୍କୁ ପଚାରିବାରୁ ଏ ସବୁ ସମସ୍ୟା ବିଷୟରେ ଆମେ ଅବଗତ ଅଛୁ ଓ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ମଧ ଅବଗତ କରାଯାଇଛି। ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

## ଶ୍ରାବଣରେ ବର୍ଷା ଗାଏବ, ଚିନ୍ତାରେ ଚାଷୀ

**ବେଗୁନିଆପଡ଼ା,୧୭।୭(ଡି.ଏନ.ଏ.)**

ଧାରା ଶ୍ରାବଣରେ ଅନବରତ ଝଡି ବର୍ଷା ହେବା କଥା। କିନ୍ତୁ ଚଳିତବର୍ଷ ଶ୍ରାବଣରେ ବର୍ଷା ବଦଳରେ ବୈଶାଖ ପରି ଟାଣ ଖରା ହେଉଛି। ଫଳରେ ଚାଷ ଜମି ଟାଙ୍ଗରା ଭୂଇଁ ପାଲଟିଛି। ଧାନ ତଳି ପୋଡ଼ି ଯାଉଥିବା ବେଳେ ସମ୍ଭାବ୍ୟ ମରୁଡି ଆଶଙ୍କାରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ବେଗୁନିଆପଡ଼ା ବ୍ଲକରେ ପ୍ରାୟ ୧୮ ହଜାର ୧୫୫ ହେକ୍ଟର ଚାଷ ଉପଯୋଗୀ ଜମି ହୋଇଥିବା ବେଳେ ଜଳସେଚିତ ଜମି ୧୨ ହଜାର ୭୨୪ ହେକ୍ଟର। ସେଥିମଧ୍ୟରୁ ମାଇନର ଇରିଗେଶନ ଓ ଏଲଆଇ ପଏଣ୍ଟ ଦ୍ୱାରା ଜଳସେଚିତ ଜମି ୯୦୦୦ ହେକ୍ଟର। ଗତ ବର୍ଷ ଏତେବେଳକୁ ପ୍ରାୟ ଅଧାଅଧି ରୁଆ ସରିଥିଲା। ହେଲେ ଏହି ବର୍ଷ ଆଦୌ ଆରମ୍ଭ ହୋଇନାହିଁ କହିଲେ ଚଳେ। ସମବାୟ ସମିତିଗୁଡିକରେ ସାର ମହଜୁଦ ଥିବା ବେଳେ ବର୍ଷା ଅଭାବରୁ ଏହା ବିକ୍ରି ହୋଇ ପାରୁନାହିଁ। ଏହି ଦୁଇ ଚାରି ଦିନ ମଧ୍ୟରେ ଆଶାନୁରୂପ ବର୍ଷା ନ ହେଲେ ଚଳିତ ବର୍ଷ ଧାନ ଫସଲ ସମ୍ପୂର୍ଣ୍ଣ ବିଗିଡି ଯିବ ଓ ଚାଷୀ କୁଳ ହତାଶ ହୋଇ ଦାଦନ ଖଟିବାକୁ ଯିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି କେତେକ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଖାଲିଥିବା ସ୍ଥାନରେ ଚାରାରୋପଣ ହେବ



ଉପଜିଲାପାଳ ଚାରାରୋପଣ କରୁଛନ୍ତି।

**ଭଞ୍ଜନଗର,୧୭।୭(ଡି.ଏନ.ଏ)**

ସହରରେ ଗଛ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି ସହ ପରିବେଷ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ତେଣୁ ସହରରେ ଚାରାରୋପଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହିଭଳି ଭଞ୍ଜନଗର ସହରରେ ମଙ୍ଗଳବାର ଏନ୍‌ଏସି ପକ୍ଷରୁ ଖାଲିଥିବା ସ୍ଥାନରେ ଚାରାରୋପଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଡ଼ିକାଲ ଅଞ୍ଚଳରେ ଚାରାରୋପଣ କରିଥିଲେ। ଏଥିସହ ଆଗାମୀ ଦିନରେ ସହରର କେଉଁ ଅଞ୍ଚଳରେ ଚାରାରୋପଣ ହେବ ସେନେଇ ଉପ ଜିଲାପାଳ ବୁଲି ଅନୁଧ୍ୟାନ କରିଥିଲେ। ଏହି ସମୟରେ ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ଯନ୍ତ୍ରୀ ସୁଶାନ୍ତ ସାହୁ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ ଜନ କଲ୍ୟାଣ ସମିତି ବୈଠକ

**ପାତ୍ରପୁର,୧୭।୭(ଡି.ଏନ୍.ଏ.):** ପାତ୍ରପୁର ତହସିଲ ଆଙ୍କୁଲି ପଞ୍ଚାୟତ ତାଡ଼କାସାହିରେ ଖାରିଆଗୁଡ଼ା, ମନ୍ଦରଡ଼ା, ତୁରୁବୁଡ଼ି ଓ ଉକ୍ତ ପଞ୍ଚାୟତର ଆଦିବାସୀମାନଙ୍କୁ ନେଇ ଆଦିବାସୀ ଜନ କଲ୍ୟାଣ ବିକାଶ ସମିତି ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଲକ୍ଷ୍ମୀକାନ୍ତ ବିଷୋୟୀ, ସମ୍ପାଦକ ଶିବ ପ୍ରଧାନ ଯୋଗ ଦେଇଥିଲେ। ସଭାରେ ଆଦିବାସୀ ଇଲାକାରେ ରାସ୍ତା, ବିଜୁଳି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା ସମସ୍ୟାକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଶାସନ ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବନ୍ଦ କରିବା ସହ ଜମି ପଟ୍ଟା ପ୍ରଦାନ, ଜଙ୍ଗଲ ଅଧିକାର ଆଇନରେ ଥିବା ସବୁ ନିୟମକୁ ସରକାର ଶୀଘ୍ର ଲାଗୁ, ତିତ୍‌ଲି ବାତ୍ୟାରେ ଆଙ୍କୁଲି, ବୁରାଡାଲ ଓ ତୁମ୍ବା ପଞ୍ଚାୟତରେ ଥିବା କ୍ଷତିଗ୍ରସ୍ତ ଆଦିବାସୀଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ ଓ ଉକ୍ତ ପଞ୍ଚାୟତର ପ୍ରାୟ ଗ୍ରାମ ପାହାଡ଼ ଉପରେ ରହିଥିବାରୁ ଜରଡ଼ାଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବାକୁ ୬୦ କି.ମି ଅତିକ୍ରମ କରିବାକୁ ପଡୁଛି। ଏଥିପାଇଁ ଜରଡ଼ା ବଦଳରେ ସୁରଙ୍ଗୀ କିମ୍ବା ଖାରିଆଗୁଡ଼ା ରାଜସ୍ୱ କାର୍ଯ୍ୟାଳୟରେ ଉକ୍ତ ଗ୍ରାମ ଗୁଡ଼ିକୁ ସାମିଲ କରିବାକୁ ଆଦିବାସୀମାନେ ଦାବି କରିଥିଲେ। ମାଲେଶ୍ୱର ପ୍ରଧାନ, ବସନ୍ତ ବଡ଼ରଇତ, ଭୀମ ବଡ଼ମୁଣ୍ଡି, ଗଣପତି କାର୍ଜୀ, ପଦ୍ମ ଶବର, ଈଶ୍ୱର ବେହେରା ପ୍ରମୁଖ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ଗୁରୁତର

**ପାତ୍ରପୁର,୧୭।୭(ଡି.ଏନ.ଏ.)**

ପାତ୍ରପୁର ତହସିଲ ଖାରିଆଗୁଡ଼ା ପଞ୍ଚାୟତ ତମ୍ୟାପୁର ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଜୁଟୁ ଶ୍ରୀଦେବୀ(୩୫)। ପରିବାର ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅପରାହ୍ନରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ହୋଇଥିଲା। ଏହି ସମୟରେ ଶ୍ରୀଦେବୀ ଘର ବାହାରେ ଠିଆ ହୋଇଥିବା ବେଳେ ପାଖରେ ଥିବା ଏକ ନଡ଼ିଆଗଛରେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କୁ ଆଘାତ ଲାଗବାରୁ ସେ ତଳେ ପଡ଼ିଯାଇ ଅଚେତ ହୋଇଯାଇଥିଲେ ।

## ବିଳମ୍ବରେ ଖୋଲୁଛି ଅଙ୍ଗନୱାଡ଼ି କେନ୍ଦ୍ର, କାର୍ଯ୍ୟାନୁଷ୍ଠାନ ଦାବି

**ହାତୀଓଟ,୧୭।୭**

ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତ ଖପରାଗଣ୍ଡା ଅଙ୍ଗନୱାଡି କେନ୍ଦ୍ର ୧୦ ଶିଶୁଙ୍କୁ ନେଇ ଚାଲୁଛି। ସୋମବାର ସକାଳ ସାଢ଼େ ୧୦ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲିନଥିଲା। ସହାୟିକା ଶାନ୍ତିପ୍ରଧାନ ୩ ଜଣ ଶିଶୁଙ୍କ ସହ କେନ୍ଦ୍ର ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସହାୟିକାଙ୍କୁ ପଚାରିବାରୁ କର୍ମୀ ଆସିନାହାନ୍ତି ବୋଲି କହିଥିଲେ। କର୍ମୀଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇପାରିନଥିଲା। କେନ୍ଦ୍ରର ସୁପରଭାଇଜର ସଚଳା ପଣ୍ଡାଙ୍କୁ ଫୋନ କରିବାରୁ ସେ କହିଥିଲେ, ମୁଁ ଫିଲ୍ଡରେ ଅଛି ତାଙ୍କ ସହ କଥାହେବି ବୋଲି କହିଥିଲେ। ଯଦି କେନ୍ଦ୍ରରେ ତାଲା ପଡିଥିବ, ସହାୟିକା ଓ ଶିଶୁ ବାହାରେ ବସିଥିବେ ତେବେ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି ବାରମ୍ବାର ହେଉଥିବାରୁ ଗ୍ରାମବାସୀ ଅତିଷ୍ଠ ହୋଇ କାର୍ଯ୍ୟାନୁଷ୍ଠାନ ଦାବିରେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରପଞ୍ଚଙ୍କୁ ଏନେଇ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଆମେ ପାଇଛୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୋଲସରାଙ୍କ ସହ ଯୋଗାଯୋଗ କରିବୁ ବୋଲି କହିଥିଲେ।

## ଘୋଡ଼ାହାଡ଼ ଡ୍ୟାମରେ ବୃଷ୍ଟିଯଜ୍ଞ

# ଖରିଫ ଚାଷ ପାଇଁ ୨୪ରେ ଛଡ଼ାଯିବ ପାଣି

**ଦିଗପହଣ୍ଡି,୧୭।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମାରିଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମରେ ବୁଧବାର ପାଣି ପଞ୍ଚାୟତ ଶୀର୍ଷକ କମିଟି ପକ୍ଷରୁ ବୃଷ୍ଟିଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଡ୍ୟାମର ଗେଟ ପୂଜା କରାଯିବା ସହ ବାମ ଓ ଡାହାଣ କେନାଲରେ ପରୀକ୍ଷାମୂଳକ ଭାବେ ପାଣି ଛଡ଼ାଯାଇ ପୁଣି ବନ୍ଦ କରି ଦିଆଯାଇଥିଲା। ଏଥିରେ ଚିକିଟି ଜଳ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲୀପ କୁମାର ଦାସ, ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପନିର୍ବାହୀ ଯନ୍ତ୍ରୀ ଇଂ. ପ୍ରମୋଦ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ଶୀର୍ଷ କମିଟି ସମ୍ପାଦକ ରମେଶ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସଭାପତି ବିଦ୍ୟାଧର ମହାପାତ୍ର, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଫନୀ ପ୍ରଭାବରେ ଅଧିକ ବର୍ଷା ନ ହେବା ଆଶଙ୍କା କରି ଡ୍ୟାମରୁ ନଦୀକୁ ଅକାରଣରେ ପାଣି ଛାଡ଼ି ଦିଆଯାଇଥିଲା। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ଥିଲା। ଗତ ଜୁନରେ ଆବଶ୍ୟକ ବର୍ଷା ନ ହେବାରୁ ବୁଧବାର ସୁଦ୍ଧା ଡ୍ୟାମରେ ମାତ୍ର ୧୧୪.୬୧ ମିଟର ଜଳ ଥିଲା। ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ ପାଇଁ ଆବଶ୍ୟକ ବର୍ଷା ନ ହେଲେ ଆସନ୍ତା ୨୪ ତାରିଖରେ ଡ୍ୟାମରୁ କେନାଲ ଯୋଗେ ପାଣି ଛଡ଼ାଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥର ଶାଖା କେନାଲ ଗୁଡ଼ିକରୁ ଲଟାବୁଦା ସଫା କରିବା ପାଇଁ ଅନୁଦାନ ଅର୍ଥରାଶି ମଞ୍ଜୁର ହୋଇନଥିବାରୁ ଉପସ୍ଥିତ ପାଣି ପଞ୍ଚାୟତ କର୍ମକର୍ତ୍ତା ବିଭୂତି ଭୂଷଣ ମହାପାତ୍ର, ରାମନାଥ ବିଷୋୟୀ, କୀର୍ତ୍ତିଚନ୍ଦ୍ର ଗୌଡ଼, ରାଧାକାନ୍ତ ମହାକୁଡ଼, ରାମହରି ଦୋରା, ଦିଲୀପ ପ୍ରଧାନ, ମୁରଲୀ ପାତ୍ର, କୋରା ବରାଡ଼, କିଶୋର ଚନ୍ଦ୍ର ସର୍ଦ୍ଦାର ପ୍ରମୁଖ ୨୧ ପାଣି ପଞ୍ଚାୟତ କମିଟି ସଭାପତି, ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ପୂଜାରେ ଉପସ୍ଥିତ ଜଳ ସମ୍ପଦ ବିଭାଗ ଅଧିକାରୀ।

## ଭଞ୍ଜନଗର କେନ୍ଦ୍ରରେ ଉତ୍ପାଦନ ଆରମ୍ଭ

# ୨୪ରୁ ମତ୍ସ୍ୟ ଯାଆଁଳ ବିକ୍ରି ଯୋଜନା

**ଭଞ୍ଜନଗର,୧୭।୭(ଡି.ଏନ.ଏ)**

ଭଞ୍ଜନଗର ସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଗତ ୭ ତାରିଖରୁ ଯାଆଁଳ ଉତ୍ପାଦନ କରି ପୋଖରୀରେ ଗଚ୍ଛିତ ରଖାଯାଇଛି। ୧୫ ଦିନ ପରେ ତାହା ବିକ୍ରି ଉପଯୋଗୀ ହେବ । ତେଣୁ ଯାଆଁଳ ବିକ୍ରି ପାଇଁ ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଛି। ଆସନ୍ତା ୨୪ ତାରିଖରୁ ଯାଆଁଳ ବିକ୍ରି ଯୋଜନା ରଖାଯାଇଛି । ମିକ୍ସର ଯାଆଁଳ ୧ ହଜାରକୁ ପ୍ୟାକିଂ ସହ ୧୮୫ ଟଙ୍କା ଦର ରଖାଯାଇଥିବା ବେଳେ ରୋହି, ଭାକୁର ଆଦି ଯାଆଁଳ ୧ ହଜାରକୁ ପ୍ୟାକିଂ ସହ ୨୫୫ ଟଙ୍କା ରଖାଯାଇଛି। ଚଳିତବର୍ଷ ଏହି ଯାଆଁଳ କେନ୍ଦ୍ରରୁ ୩ କୋଟି ୬୦ ଲକ୍ଷ ବିଭିନ୍ନ ପ୍ରକାର ଯାଆଁଳ ବିକ୍ରି ଯୋଜନା ଅଛି ।

ଭଞ୍ଜନଗର ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯାଆଁଳ ଯାଉଛି। ଏଥିସହ ସରକାର ମଧ୍ୟ ଏଠାରୁ ଯାଆଁଳ ନେଇ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜଳଭଣ୍ଡାରରେ ଛାଡୁଛନ୍ତି । କିନ୍ତୁ ଘରୋଇ ଯାଆଁଳ କେନ୍ଦ୍ର ସଂଖ୍ୟା ବୃଦ୍ଧି ଯୋଗୁ ସରକାରଙ୍କ ପକ୍ଷରୁ ଯାଆଁଳ ବିକ୍ରି ପାଇଁ ଯେଉଁ ଲକ୍ଷ୍ୟ ଦିଆଯାଉଛି ତାହା ପୂରଣ ହୋଇପାରୁନାହିଁ । ଘରୋଇ ଯାଆଁଳ କେନ୍ଦ୍ରଗୁଡ଼ିକରେ ବଡ଼ ଯାଆଁଳ ମିଳୁଥିବା ବେଳେ ସରକାରୀ କେନ୍ଦ୍ରରେ ଛୋଟ ଯାଆଁଳ ବିକ୍ରି କରାଯାଉଛି । ସରକାରୀ କେନ୍ଦ୍ରଗୁଡ଼ିକରେ ସୁଲଭ ଦରରେ ବଡ଼ ଯାଆଁଳ ବିକ୍ରି ଯୋଜନା କରାଗଲେ ଚାଷୀ ଉପକୃତ ହୋଇପାରିବେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ କେତେଜଣ ଚାଷୀ ଦାବି କରିଛନ୍ତି । ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରର ପରିଚାଳକ ସରିଫ୍ ଅହମ୍ମଦ କହିଛନ୍ତି, ଚଳିତବର୍ଷ ଅନିୟମିତ ପାଣିପାଗ ଯୋଗୁ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଅଞ୍ଚଳରେ ବର୍ଷା ଠିକ୍ ଭାବେ ହୋଇନାହିଁ । ତେଣୁ ଜଳଭଣ୍ଡାର, ପୋଖରୀ ଗୁଡ଼ିକରେ ଆବଶ୍ୟକ ପରିମାଣର ପାଣି ମହଜୁଦ ନାହିଁ । ତେଣୁ ଯାଆଁଳ ବିକ୍ରି ବିଳମ୍ବ ହୋଇଛି। ଆଗାମୀ ସପ୍ତାହରେ ଅଧିକ ବର୍ଷା ହେବା ସମ୍ଭାବନା ଅଛି । ତେଣୁ ୨୪ ତାରିଖରୁ ଯାଆଁଳ ବିକ୍ରି ପାଇଁ ଯୋଜନା ରଖାଯାଇଛି । ଚାଷୀଙ୍କୁ ଉନ୍ନତ କିସମର ଯାଆଁଳ କମ୍ ଦରରେ ବିକ୍ରି କରାଯିବ ବୋଲି ସେ କହିଛନ୍ତି।



ଉତ୍ପାଦିତ ହୋଇଥିବା ଯାଆଁଳ।

**୧ ହଜାରକୁ ଦର ୧୮୫ରୁ ୨୫୫ ଟଙ୍କା**

## ସଂକ୍ଷେପରେ

### ବର୍ଷା ନାହିଁ, ଚିନ୍ତାରେ ଚାଷୀ

ବାଲିଗୁଡା,୧୭।୭: ବାଲିଗୁଡା ଆଖପାଖ ଅଞ୍ଚଳରେ ବର୍ଷାନାହିଁ। କିଛିଦିନ ତଳେ ହୋଇଥିବା ବର୍ଷାପରେ ଚାଷୀ ଧାନତଳି ପକାଇଥିଲା। କିନ୍ତୁ ଜମି ପାଗ ହେଉ ନ ଥିବାରୁ ରୁଆକାମ ହୋଇପାରୁନାହିଁ। ଯଦି ଆଉ ସପ୍ତାହେ ମଧରେ ବର୍ଷା ନ ହୁଏ ତେବେ ତଳି ନଷ୍ଟ ହେବା ଆଶଙ୍କା ରହିଛି। ସୂଚନାଯୋଗ୍ୟ ଯେ, ବାଲିଗୁଡା ବ୍ଲକରେ ୪୫୮୦ ହେକ୍ଟର ଧାନଚାଷ ଜମି ରହିଛି। ସେଥିରୁ ଚଳିତବର୍ଷ ଏପର୍ଯ୍ୟନ୍ତ ମାତ୍ର ୨ରୁ ୩ ପ୍ରତିଶତ ଚାଷ ହୋଇଛି। ଅଞ୍ଚଳର ଚାଷୀମାନଙ୍କୁ ପ୍ରଶାସନ ତରଫରୁ ପ୍ରୋତ୍ସାହନ ବି ମିଳୁନାହିଁ। ବାଲିଗୁଡା କୃଷି ବିଭାଗ ତରଫରୁ କୁହାଯାଉଛି ଯେ, ବର୍ଷା ନଥିବା ଯୋଗୁ ଚାଷୀମାନେ ଚାଷକାମ ଆରମ୍ଭ କରିନାହାନ୍ତି। ଅପରପଟେ ଚାଷୀ ଦିନୁଙ୍ଗା ମଳିକ କହିଛନ୍ତି, ବର୍ଷା ନହେଲେ ଚାଷ କାମ ବନ୍ଦ ହୋଇଯିବ। ଚାଷୀ ଲଳିତ ପାତ୍ର ଓ ବାରଖମାର ବୀରେନ୍ଦ୍ର ସାହୁ କହିଛନ୍ତି, ଚଳିତବର୍ଷ ଚାଷ ଭଲ ହେବବୋଲି ଆଶା କରୁଥିଲୁ, କିନ୍ତୁ ବର୍ଷା ନାହିଁ। ୫ଦିନ ମଧରେ ବର୍ଷା ନହେଲେ ମରୁଡି ହୋଇଯିବ। ଦୁଇବର୍ଷ ଧରି ଫସଲ ବୀମା କରିଆସୁଥିଲୁ, ଚଳିତବର୍ଷ ଆଉ କରିବୁ ନାହିଁ। କାରଣ ଗତ ଦୁଇବର୍ଷ ଧରି ବାଲିଗୁଡା ଅଞ୍ଚଳରେ ଧାନ ଫସଲ ମରୁଡି ଓ କ୍ଷୟକ୍ଷତି ହୋଇଆସୁଛି। ବୀମା କମ୍ପାନୀ ଓ କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତି ନେଇ ତଦନ୍ତ କରାଯାଉଛି କିନ୍ତୁ ତାହା ତଦନ୍ତ ତଦନ୍ତରେ ହିଁ ରହିଯାଉଛି। ଚାଷୀମାନଙ୍କୁ ସହାୟତା ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବାଲିଗୁଡା ବ୍ଲକର ସବୁଠାରୁ ଅଧିକ ଧାନ ଚାଷ ହୁଏ ଲଣ୍ଡାଗାଁ ପଞ୍ଚାୟତରେ। ଏହି ପଞ୍ଚାୟତରେ ବି ସମାନ ଅବସ୍ଥା।

### ସନ୍ଦେହଘେରରେ ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ,୧୭।୭: ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ସାଇତିଙ୍ଗିଆ ଗ୍ରାମରେ ବୁଧବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟଭାମା ମୁଖି (୨୦)। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ୨ ବର୍ଷ ତଳେ ଖଜୁରିପଡା ବ୍ଲକ ଅରାପାଜୁ ଗ୍ରାମର ସତ୍ୟଭାମାଙ୍କ ବିବାହ ହୋଇଥିଲା। ଗତ ସପ୍ତାହରେ ସେ ବାପଘରକୁ ଯାଇ ସୋମବାର ଫେରିଥିଲେ। କୌଣସି କାରଣକୁ ସ୍ୱାମୀଙ୍କ ସହ ତାଙ୍କର ଝଗଡା ହୋଇଥିଲା। ସେହିଦିନ ସନ୍ଧ୍ୟାରେ ମା' ଓ ମଙ୍ଗଳବାର ଭାଇଙ୍କ ସହ କଥା ହୋଇଥିଲେ। ଭାଇ ଓ ମା' ବୁଧବାର ସତ୍ୟଭାମାଙ୍କ ଘରକୁ ଯାଇଥିବା ବେଳେ ସ୍ୱାମୀ ଏବଂ ଅନ୍ୟମାନେ ତାଙ୍କୁ ଭିତରକୁ ଛାଡି ନ ଥିଲେ। ପରେ ସତ୍ୟଭାମାଙ୍କ ମୃତ୍ୟୁ ଘଟିଥିବା ଜାଣି ଭାଇ ଶ୍ରୀକୃଷ୍ଣ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଅବସରପ୍ରାପ୍ତ ପ୍ରାଧାପକଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୧୭।୭(ଡି.ଏନ.ଏ.): ବୁଗୁଡ଼ା ପିପୁଲ୍ସ କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଅବସରପ୍ରାପ୍ତ ପ୍ରାଧାପକ ଡ. ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକ ଅଧକ୍ଷତା କରିଥିଲେ। ଅଧାପକ ହିମାଂଶୁ ଶେଖର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ କୁମାର ସେଠୀ, ସଞ୍ଜୟ କୁମାର ସାହୁ, ଇତିହାସ ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ କୁମାର ଦାଶ, ଲୋକନାଥ ବେହେରା ପ୍ରମୁଖ ଅଧାପକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରମାନେ ଅବସର ନେଇଥିବା ପ୍ରାଧାପକଙ୍କ ଉନ୍ନୟନ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଡ. ମହାପାତ୍ରଙ୍କୁ ଉପଢ଼ୌକନ ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ବଢୁଛି ପଲିଥିନ ବ୍ୟବହାର

କନିଷି,୧୭।୭(ଡି.ଏନ.ଏ.): ଗୋଳନ୍ଥରା ଥାନା ହଳଦିଆପଦର, କନିଷି, ରଣ୍ଡା, ଗୋଳନ୍ଥରା, ମନ୍ଦ୍ରିଡ଼ି ପ୍ରଭୃତି ଅଞ୍ଚଳର ଦୋକାନମାନଙ୍କରେ ବେଆଇନ ଭାବେ ଦିନକୁ ଦିନ ପଲିଥିନ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ସରକାର ପଲିଥିନ ବ୍ୟବହାରକୁ ବେଆଇନ ଘୋଷଣା କରିବା ପରେ କେତେକ ଦୋକାନ ମାଲିକଙ୍କ ଉପରେ ଜରିମାନା ଆଦାୟ କରାଯାଇଥିଲା। ବର୍ତ୍ତମାନ ରଣ୍ଡା, କନିଷିର ବଡ଼ ବଡ଼ ଦୋକାନରେ ଲକ୍ଷ ଲକ୍ଷ ଟଙ୍କାର ପଲିଥିନ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

■ କୁମ୍ଭାରମୁଣ୍ଡା ସୁଜାମାଜୁକୁ ଯାତାୟାତ ସମସ୍ୟା

# ନିର୍ମାଣର ବର୍ଷେ ପୂରିନି ରାସ୍ତା ଦବିଲା

ଦାରିଙ୍ଗବାଡ଼ି,୧୭।୭(ଡି.ଏନ.ଏ)

■ମକକୁଟି ପୋଲ କାମ ନିମ୍ନ ମାନର
■କର୍ଦ୍ଦମାକ୍ତ ଯୋଗୁ ଯାତାୟାତ ବାଧାପ୍ରାପ୍ତ

ଦାରିଙ୍ଗବାଡ଼ି ବ୍ଲକରେ ମୋଟ ୨୫ ପଞ୍ଚାୟତ ରହିଥିବା ବେଳେ ଜନସଂଖ୍ୟା ୧ଲକ୍ଷ ୨୧ ହଜାରରୁ ଉର୍ଦ୍ଧ୍ୱ। ଏକାଧିକ ଗ୍ରାମ ସହ ବ୍ଲକ ମହକୁମାଠାରୁ ଜିଲା ଉପଖଣ୍ଡ ସହ ଯୋଡ଼ିହେବା ଏବଂ ଲୋକଙ୍କ ଗମନାଗମନର ସୁବିଧା ପାଇଁ ସବୁଦିନିଆ ପକ୍କାରାସ୍ତା ନିର୍ମାଣ କରାଯାଉଛି। ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଯୋଗୁ ଅଞ୍ଚଳରେ ଅନେକ ସୁବିଧା ମିଳିଛି। ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବାରୁ ବହୁ କାର୍ଯ୍ୟ ନିମ୍ନମାନର ହେଉଛି। କାମ ସରିବାରେ ବର୍ଷେ ନପୁରୁଣୁ ରାସ୍ତା ଦବି ଯାଉଛି ତ ଆଉ କେଉଁଠି କଂକ୍ରିଟ ରାସ୍ତାରେ ଫାଟ ହେଉଛି। ଏଭଳି ଅଭିଯୋଗ ହୋଇଛି କିରିକୁଟି ପଞ୍ଚାୟତର କୁମ୍ଭାରମୁଣ୍ଡା ଠାରୁ ପର୍ତ୍ତମାହା ପଞ୍ଚାୟତର ସୁଜାମାଜୁ ରାସ୍ତା ନିର୍ମାଣ କାମରେ। ସୁଜାମାଜୁ ଠାରୁ କାଡ଼ିପାଙ୍ଗା ମଧରେ ଦୁଇଟି ପୋଲ ଉପର ସଂଯୋଗୀକରଣ ରାସ୍ତା ଅତି ନିମ୍ନମାନର ହୋଇଛି। କାଡ଼ିପାଙ୍ଗା ପୋଲଠାରେ ସଂଯୋଗୀକରଣ ରାସ୍ତାରେ କଂକ୍ରିଟ ଢଳେଇ କରାଯାଇ ପକ୍କାରାସ୍ତା କରାଯାଇଛି। କିନ୍ତୁ ଗାର୍ଡୱାଲ ନିର୍ମାଣ କରାଯାଇନାହିଁ। ନିମ୍ନମାନର କାମ ଯୋଗୁ ମାଟି ଧସିଯିବା ସହ କଂକ୍ରିଟ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ଗାଁ ଲୋକେ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ହିନ୍ଦିଭାଷା କହୁଥିବା ଲୋକେ ଜନଜାତି ସମ୍ପ୍ରଦାୟ ଲୋକଙ୍କ କଥା ନବୁଝି ମନଇଚ୍ଛା କାମ କରୁଥିବା କାଡ଼ିପାଙ୍ଗା ଗ୍ରାମର ନାଥନ ପ୍ରଧାନ, ସନ ପ୍ରଧାନ, କର୍ଣ୍ଣେଲ ପ୍ରଧାନ, ନିରଞ୍ଜନ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ସୁଜାମାଜୁ ଗ୍ରାମ ନିକଟ ଦେଇ ମକକୁଟି ନାଳ ପ୍ରବାହିତ ହୋଇଛି। ଏହା ଉପରେ ଥିବା ପୁରୁଣା ପୋଲର ମରାମତି କରାଯାଇଛି, କିନ୍ତୁ ନିମ୍ନମାନର କାମ ହୋଇଥିବା ଗ୍ରାମର ଦାଲୁଙ୍ଗା ପ୍ରଧାନ, ନବୀନ ଦିଗାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ପୋଲ ଉପରେ ୨ଫୁଟ ଗାର୍ଡ଼ୱାଲ କରାଯାଇ ପୋଲର ଉପରେ ୨ଫୁଟ ମାଟି ପକାଯାଇଛି। ଏବେ ବର୍ଷା ଯୋଗୁ ଉକ୍ତ ରାସ୍ତାରେ ପାଦରେ ଚାଲିଯିବା ମଧ ସମ୍ଭବ ନୁହେଁ। ସେହିପରି ଉକ୍ତ ପୋଲର ତଳଭାଗ ପିଲରଗୁଡ଼ିକର ଲୁହାରଡ ଦେଖାଯାଉଛି। ପୋଲ ଉପରେ ଯିବାକୁ ଲୋକେ ଭୟ କରୁଛନ୍ତି। ଏଥିପ୍ରତି ଜିଲାପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଯୋଗ୍ୟଯେ, ଉକ୍ତ ରାସ୍ତା ୬.୪୦୦କିମି ମଧରୁ ପିଚୁ ୫.୯୦୦କିମି ଏବଂ ୫ଶହ ମିଟର କଂକ୍ରିଟ ସହ ୨୦ଟି କଲଭର୍ଟ ନିର୍ମାଣ କରାଯିବାକୁ ରହିଛି। ଏଥିପାଇଁ ୨କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ରହିଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ଯନ୍ତ୍ରୀ ନିମୁରାମ ଡୁଡୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏହି କାର୍ଯ୍ୟକୁ ଏନ୍‌ବିସିସି ଠିକା କମ୍ପାନୀ କରୁଥିବା ଏବଂ ସମ୍ପୂର୍ଣ୍ଣ ତଦାରଖ ସଂସ୍ଥାର କର୍ମଚାରୀ କରୁଥିବା କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାକାମ ତଦାରଖ କରୁ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଏନେଇ ଏନବିସିସିର କର୍ମଚାରୀ ନବୀନ କୁମାରଙ୍କ ସହ ଯୋଗାଯୋଗ କରିବାରୁ, କଂକ୍ରିଟ ରାସ୍ତା ଫାଟ ହେବା ସମ୍ପର୍କରେ ସେ ଜାଣିଛନ୍ତି ଏବଂ ମକକୁଟି ପୋଲର ତଳଭାଗ ମଧ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ କମ୍ପାନୀ ଆସନ୍ତା ୨୦୨୩ ପର୍ଯ୍ୟନ୍ତ ଉକ୍ତ ରାସ୍ତାର ତଦାରଖ କରିବ। ଏନେଇ ଏନବିସିସିର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଅଙ୍କିତ ଅଗ୍ରୱାଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ। ସେପଟେ ଗ୍ରାମବାସୀ ଏହାର ଭିଜିଲାନ୍ସ ତଦନ୍ତ କରାଯାଉବୋଲି କହିବା ସହ ଆସନ୍ତା ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।


ମକକୁଟି ପୋଲ ଉପର କର୍ଦ୍ଦମାକ୍ତ ରାସ୍ତା।

### ୨ ଆକ୍ରମଣକାରୀ ଦୋଷୀ ସାବ୍ୟସ୍ତ

ଶେରଗଡ଼,୧୭।୭(ଡି.ଏନ.ଏ.)

ଶେରଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଖାରାଣୀ ନାୟକ ମାଡ଼ ମାରିବା ଓ ବ୍ଲେଡରେ ଆକ୍ରମଣ କରିବା ନେଇ ଏକ ମାମଲା ଶୁଣାଣି କରି ବରମୁଣ୍ଡଳୀ ଗ୍ରାମର ଗଣେଶ ପାଢ଼ୀ, ରାମହରି ଗୌଡଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ଜାମିନରେ ଥିବାରୁ ସେମାନେ ଉପରିସ୍ଥ କୋର୍ଟରେ ଜାମିନ ଆବେଦନ କରିପାରନ୍ତି। ପ୍ରକାଶ ଯେ, ୯।୫।୨୦୧୪ରେ ବରମୁଣ୍ଡଳୀର ସୁରେନ୍ଦ୍ର ନାଥ ସାହୁ ବଟପଲ୍ଲୀ ସାହି ଦେଇ ସାଇକେଲରେ ଯାଉଥିବାବେଳେ ଗଣେଶ ଓ ରାମହରି ମାଡ଼ ମାରିବା ସହ ବ୍ଲେଡରେ ଆକ୍ରମଣ କରିଥିଲେ। ସୁରେନ୍ଦ୍ର ଶେରଗଡ଼ ଡାକ୍ତର ଖାନାରେ ଚିକିତ୍ସା ପରେ ବଡ଼ଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ବଡ଼ଗଡ଼ ପୋଲିସ ନଂ.୬୩/୨୦୧୪ରେ ମାମଲା ରୁଜୁକରି ଜେଲ ପଠାଇଥିଲେ। ସେହି ମାମଲାର ଶୁଣାଣି କରି ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ବିଚାରପତି ବର୍ଷେ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକ ଓ ଏପିପି ରାଧାକୃଷ୍ଣ ଡାକୁଆ ମାମଲା ପରିଚାଳନା କରିଥିଲେ।

## ଡାଙ୍ଗୁଲୁ ଉଠାଜଳସେଚନ ପ୍ରକଳ୍ପ ଆରମ୍ଭରୁ ଅଚଳ

ଫୁଲବାଣୀ ଅଫିସ, ୧୭।୭

ଫୁଲବାଣୀ ଉଠାଜଳସେଚନ ଉପଖଣ୍ଡରେ କାମ ହେଉଥିବା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଛି । ନିକଟରେ ଫୁଲବାଣୀ ବ୍ଲକ ଡାଙ୍ଗୁଲୁଠାରେ ହୋଇଥିବା ନୂତନ ପ୍ରକଳ୍ପ କାର୍ଯ୍ୟ ସରିଥିଲେ ମଧ ନିମ୍ନମାନର ପାଇପ ଲାଗିଥିବାରୁ ତାହା ଫାଟି ଯାଇଛି । ଠିକାଦାର ଚାଷୀଙ୍କୁ ପ୍ରକଳ୍ପ ଘର ଅବା ମୋଟର ଲାଗିଥିବା ଘର ଚାବି ଦେଉ ନ ଥିବା ବେଳେ ଆଉ ସେଠାକୁ ଯାଉନାହାନ୍ତି। ବିଲ୍ କରି ଅର୍ଥ ଚଲୁ କରି ଦିଆଯାଇଛି । ପ୍ରକଳ୍ପ କାର୍ଯ୍ୟ ସାରି ତୁରନ୍ତ ଚାବି ହସ୍ତାନ୍ତର କରିବା ଦାବିରେ ଗ୍ରାମବାସୀ ବୁଧବାର ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରିଛନ୍ତି। ପ୍ରତିଶ୍ରୁତି ମୁତାବକ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟକାରୀ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲିଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଡାଙ୍ଗୁଲୁ ଗ୍ରାମର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପ କରାଯାଇଛି । ସେଥିରୁ ଗୋଟିଏ କାମ କରୁଛି । ଆଉ ଗୋଟିଏ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ନିମ୍ନମାନର କାମ ଓ ଠିକାଦାରଙ୍କ ମନମୁଖି ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବହୁବାର ଅବଗତ କରାଯାଇଛି। ହେଲେ କୌଣସି ସୁଫଳ ମିଳିନି। ତେଣୁ ମିଳିତ ହୋଇ ପୁଣି ଦେଖାକରିଛୁ । ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ମିଳିଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ବିମ୍ବାଧର ବେହେରା କହିଛନ୍ତି ଠିକାଦାରଙ୍କୁ ନେଇ ଗୁରୁବାର ସେ ପ୍ରକଳ୍ପ ସ୍ଥାନକୁ ଯିବେ। ସେଠାରେ ଯାହା ସମସ୍ୟା ରହିଛି, ତାହାର ସମାଧାନ କରାଯାଇ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି। ନବନିର୍ମାଣ କୃଷକ ସଂଗଠନ ଜିଲା ପ୍ରଭାରୀ ସନ୍ତୋଷ ପାତ୍ର, ଜିଲା ସଂଯୋଜକ ଚାଣକ୍ୟ କହଁରଙ୍କ ନେତୃତ୍ୱରେ ଚାଷୀ ଶରତ ଚନ୍ଦ୍ର ଭୁକ୍ତା, ପଦ୍ମ ଚରଣ ବାରିକଙ୍କ ସମେତ ବହୁ ଚାଷୀ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଥିଲେ ।



ଡାଙ୍ଗୁଲୁ ଗ୍ରାମର ଚାଷୀମାନେ ।

### ଗୁରୁପୂର୍ଣ୍ଣିମା, ଚାରାରୋପଣ କାର୍ଯ୍ୟକ୍ରମ

ଜି.ଉଦୟଗିରି,୧୭।୭(ଡି.ଏନ.ଏ.)

ସ୍ଥାନୀୟ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଯୋଗଗୁରୁ ରାଜେନ୍ଦ୍ର ମହାପାତ୍ର ଓ ବଟକୃଷ୍ଣ ଦାଶଙ୍କ ସମେତ ସମାଜସେବୀ ସସ୍ମିତା ଜେନା, କେ. ରାମାରାଓ ପାତ୍ର, ସୂର୍ଯ୍ୟନାରାୟଣ ପାତ୍ର, ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଯୋଗକେନ୍ଦ୍ର ପରିଚାଳକ ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦିବସରେ ଯୋଗଗୁରୁ ରାଜେନ୍ଦ୍ର ମହାପାତ୍ର ଏବଂ ବଟକୃଷ୍ଣ ଦାଶଙ୍କୁ ଯୋଗକେନ୍ଦ୍ର ପକ୍ଷରୁ ଅତିଥିମାନେ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏସ. ଅଶୋକ କୁମାର ପାତ୍ରଙ୍କୁ ଶ୍ରେଷ୍ଠ ପରିଚାଳକ ଭାବେ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହା ସହିତ ଦୈନିକ ଯୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭସ୍ତ୍ରିକା, କପାଳଭାତି, ଉଜ୍ଜୟୀ, ବାହ୍ୟ ପ୍ରାଣାୟମ, ଅନୁଲୋମ ବିଲୋମ, ଭ୍ରାମରୀ, ଉଦ୍‌ଗୀତ ଆଦି ଅଭ୍ୟାସ କରାଯାଇଥିଲା। ଧବଳେଶ୍ୱର ମନ୍ଦିର ପରିସରରେ ଯୋଗ ସମିତି ତରଫରୁ ଚାରାରୋପଣ କରାଯାଇଥିଲା। ଶିବିରରେ ଉପସ୍ଥିତ ସମସ୍ତ ସଦସ୍ୟ ଚାରାରୋପଣ କରିଥିଲେ ।

ବିଧବାଙ୍କୁ ହତ୍ୟା ଘଟଣାକୁ ବିତିଲା ୪ ମାସ

## ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

ଶଙ୍କରାଖୋଲ,୧୭।୭(ଡି.ଏନ୍.ଏ)

ଫୁଲବାଣୀ ସଦର ଥାନା ଗୁମାଗଡ଼ଠାରେ ଜଣେ ବିଧବାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ମୃତା ମହିଳାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୪/୧୯ରେ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ୪ ମାସ ବିତିଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବା ବାପା ଘାସିରାମ ବିଷୋୟୀ ମହିଳା ସୁରକ୍ଷା ସେଲରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୧୫ରେ ଟିକାବାଲି ଥାନା କଲଝର ପଞ୍ଚାୟତ ମାଙ୍କଡ଼ବାଟା ଗ୍ରାମର ଘାସିରାମଙ୍କ ଝିଅ ମଇନାଙ୍କର ଗୁମାଗଡ଼ରେ ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ୨୦୧୭ରେ ଏକ ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ମଇନାଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସ୍ୱାମୀଙ୍କ ଏଲ୍‌ଆଇସି ଟଙ୍କା ଓ ୨ ଟାଟା ମ୍ୟାଜିକ ଗାଡି ବିକ୍ରି ଟଙ୍କା ଦେଢ଼ଶୁର ନେଇଯାଇଥିଲେ ବୋଲି ମଇନା ବାପାଙ୍କୁ ଜଣାଇଥିଲେ। ଫେବୃୟାରୀ ୨୮ ତାରିଖରେ ଶାଶୁଘର ଲୋକେ ମାଡ଼ ମାରୁଛନ୍ତି ବୋଲି ମଧ ବାପାଙ୍କୁ ଫୋନ୍‌ରେ ଜଣାଇଥିଲେ। ଏହାଶୁଣି ଘାସିରାମ ଗୁମାଗଡ଼ ଆସିଥିବା ବେଳେ ସେଠାର ଡାକ୍ତରଖାନାରେ ଝିଅ ମଇନାଙ୍କ ମୃତଦେହ ଥିବା ଦେଖି ଶାଶୁ, ଦେଢ଼ଶୁରଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଝିଅର ମୃତଦେହ ଗୁମାଗଡ଼ରେ ରାସ୍ତାରେ ରଖି ଫୁଲବାଣୀ-ବ୍ରହ୍ମପୁର ରାସ୍ତାକୁ ଅବରୋଧ କରିଥିଲେ। ଫୁଲବାଣୀ ଡିଏସ୍‌ପି ଓ ସଦର ଥାନାଧିକାରୀ ରାଧାକାନ୍ତ ସାହୁ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାନଯିବାରୁ ମୃତକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଇନାଙ୍କ ଅଢ଼େଇ ବର୍ଷର ଝିଅ ଅଜା ଘରେ ଅଛି। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ମଇନାଙ୍କ ବାପଘର ଲୋକେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

## ମେଗା ରକ୍ତଦାନ ଶିବିର

ସୋରଡା,୧୭।୭(ଡି.ଏନ.ଏ.)

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ଡିପଲ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଥାନାଧିକାରୀ ପ୍ରଭାତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉତ୍ସାହିତ କରିଥିଲେ । ସଂଯୋଜକ ଅମ୍ବିକା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୬ ପଞ୍ଚାୟତର ମୋଟ ୬୧ ଜଣ ରକ୍ତଦାନ କରିଥିଲେ। ଅଧକ୍ଷ ସୁଧୀର ପ୍ରଧାନ, ସମାଜସେବୀ ଜଗନ୍ନାଥ ଦାଶ, ଅରୁଣ ନାୟକ, ଶିଶିର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଅଧାପକ ରାମଚନ୍ଦ୍ର ବିଷୋୟୀ ସହଯୋଗ କରିଥିଲେ।

## ରାସ୍ତାକଡ଼ ଡ୍ରେନ୍‌ରୁ ଷଣ୍ଢ ଉଦ୍ଧାର

ଦିଗପହଣ୍ଡି,୧୭।୭(ଡି.ଏନ.ଏ.): ଦିଗପହଣ୍ଡି ଏନଏସି ୧ନଂ. ୱାର୍ଡ ନୀଳକଣ୍ଠ ନଗର ପ୍ରଥମ ଲେନରେ ନବନିର୍ମିତ ଡ୍ରେନ୍‌କୁ ବୁଧବାର ସକାଳେ ଏକ ଷଣ୍ଢ ଖସିପଡିଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ବାହିନି ପହଞ୍ଚି ଷଣ୍ଢଟିକୁ ଉଦ୍ଧାର କରିଛି। ଡ୍ରେନ୍ ଉପରେ ରାସ୍ତା ପାଣି ଯିବାପାଇଁ ଗୋଟିଏ ସ୍ଲାବ ଛଡା ଯାଇଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଷଣ୍ଢଟି ଉକ୍ତ ଗର୍ତ୍ତ ମଧକୁ ଖସି ପଡିଥିଲା।


ଉଦ୍ଧାର କାମରେ ନିୟୋଜିତ ଅଗ୍ନିଶମ କର୍ମଚାରୀ।

## ଭାଜପାର ସଦସ୍ୟତା ଅଭିଯାନ

ରାଇକିଆ,୧୭।୭(ଡି.ଏନ.ଏ)

କନ୍ଧମାଳ ଜିଲା ଭାଜପା ମହିଳା ମୋର୍ଚ୍ଚା ତରଫରୁ ବୁଧବାର ରାଇକିଆ ବ୍ଲକର ବୁଥ ନଂ.୯୫ରେ ସଙ୍ଗଠନ ପର୍ବ ଓ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଯୋଗ ଦେଇ ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ଲୋକଙ୍କୁ ଉତ୍ସାହିତ କରିଥିଲେ। ଭାଜପା ସଙ୍ଗଠନ କିପରି ସୁଦୃଢ଼ ହୋଇଛି ଏବଂ ଦେଶରେ ଦଳର ସଦସ୍ୟତା କିପରି ବୃଦ୍ଧି ପାଇଛି ସେ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ୭୦ଜଣ ସଦସ୍ୟତା ଗ୍ରହଣ କରିଥିଲେ। ରାଇକିଆ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା କବିତା ସାହାଣୀ, ମହିଳା ମୋର୍ଚ୍ଚା ଜିଲା ସଦସ୍ୟ ଝୁମୁରୀ ପ୍ରଧାନ, ସସ୍ମିତା ନାୟକ, ୱାର୍ଡମେମ୍ବର ସବିତା ପ୍ରଧାନ, ପୂଜାଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମୀ ।

## ଆମ ଗାଁ ଆମ ବିକାଶ କାମ ଅଧାପନ୍ତରିଆ

ଫିରିଙ୍ଗିଆ,୧୭।୭

କନ୍ଧମାମଳ ଜିଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସିମିଝିରି ଗାଁରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଅଧପନ୍ତରିଆ ଭାବେ ପଡିରହିଛି। ଚଳିତ ସାଧାରଣ ନିର୍ବାଚନବେଳେ ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲା ଗସ୍ତରେ ଆସି ଏସବୁ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ମଧ କାମ ଶେଷ ହୋଇନାହିଁ। ଅନେକ କାର୍ଯ୍ୟ ଆଜି ବି ଅଧା ହୋଇ ପଡିରହିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ଫିରିଙ୍ଗିଆ ବ୍ଲକ ସଦର ମହକୁମା ଠାରୁ ୧୩ କିମି ଦୁର ତଥା ପଞ୍ଚାୟତ ସଦର ମହକୁମାରୁ ୧୦ କିମି ଦୁରରେ ରହିଛି ସିମିଝିରି ଗାଁ। ଏହି ଗ୍ରାମରେ ଗୋଷ୍ଠି କେନ୍ଦ୍ର ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାଟି ଉପରକୁ ମାତ୍ର ଏକଫୁଟ କାନ୍ଥ ଉଠି କାମ ବନ୍ଦ ରହିଛି। ଏ ନେଇ ସରପଞ୍ଚ କହ୍ନେଇ କହଁର କୁହନ୍ତି, ବିଲ୍ ଜମାରୁ ହୋଇ ନାହିଁ । ପଞ୍ଚାୟତର ଜଣେ ଠିକାଦାର ଏହି କାମ କରୁଥିଲେ, ଆଉ କରୁନାହାନ୍ତି। ଫଳରେ କାମ ଅଧା ହୋଇ ପଡିରହିଛି। ଫିରିଙ୍ଗିଆ ବ୍ଲକ ଯନ୍ତ୍ରୀ ତଥା ଜିପିଟିଓ କହୁଛନ୍ତି କାମ ସରିଲେ ବିଲ ହେବ। ତେଣୁ କାମ ନେଇଥିବା ଠିକାଦାର ଏହା ସମାପ୍ତ କରିବା ଆବଶ୍ୟକ। ଏ ନେଇ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ମୁଁ କାମ ଦେଖିନାହିଁ, କାମ ଚାଲିଥିବ। ଦେଖିଲା ପରେ ଯାହା କହିବି ବୋଲି କହିଛନନ୍ତି। ସୂଚନାଯୋଗ୍ୟ ଯେ, ବିଞ୍ଜାରିପଡା, ଡିଣ୍ଡିରାଗାଁ ଶିବ ମନ୍ଦିର ପାଖ, ଟେଲାପାଲି ଶିକୁଳୀପଦର, ଗଞ୍ଜୁଖୋଲ ଏବଂ କୁଡିକୀ ଉପରସାହି ଗୋଷ୍ଠୀକେନ୍ଦ୍ର ମଧ ଏହି ଅବସ୍ଥାରେ ରହିଛି।


ଅଧାପନ୍ତରିଆ ସିମିଝିରି ଗୋଷ୍ଠୀକେନ୍ଦ୍ର।

### ବଢୁଛି ଅସନ୍ତୋଷ

## ସଂକ୍ଷେପରେ

### ଖେମୁଣ୍ଡି କଲେଜକୁ ନାକ୍ ପକ୍ଷରୁ ମାନ୍ୟତା ମିଳିଲା

**ଦିଗପହଣ୍ଡି,୧୭।୭(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଡିଗ୍ରୀ କଲେଜକୁ ଜାତୀୟ ଅଧିସ୍ୱୀକୃତି ନିର୍ଦ୍ଧାରଣ ପରିଷଦ (ନାକ୍)ର ମାନ୍ୟତା ମିଳିଥିବା ଅଧକ୍ଷା ପ୍ରଣତୀ ପାତ୍ର କହିଛନ୍ତି। ଗତ ୩ ଓ ୪ ତାରିଖରେ ନାକ୍‌ର ୩ ଜଣିଆ କେନ୍ଦ୍ରୀୟ ଟିମ କଲେଜରେ ପହଞ୍ଚି ସବିଶେଷ ରିପୋର୍ଟ ଅନୁଧ୍ୟାନ କରି ଫେରିଥିଲେ। ତାମିଲନାଡୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସିଲା ଷ୍ଟେଫିନଙ୍କ ନେତୃତ୍ୱରେ ସଂଯୋଜକ କମିଟି ସଦସ୍ୟା ତଥା ମୁମ୍ବାଇ ଦକ୍ଷିଣ କୁର୍ଲା ଡନ୍ ବସ୍କୋ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ପ୍ରଭାତୀ ଭେଙ୍କଟେସ, ଜମ୍ମୁ-ଶ୍ରୀନଗର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ତଥା ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମହମ୍ମଦ ଆକବର ଖୁରୁ ପ୍ରମୁଖ କଲେଜ ପରିଦର୍ଶନ କରିଥିଲେ। ସେମାନଙ୍କ ରିପୋର୍ଟ ଭିତ୍ତିରେ କଲେଜକୁ ସମ୍ମାନଜନକ ନାକ୍ ସି-ଗ୍ରେଡ ମାନ୍ୟତା ମିଳିପାରିଥିବା ଅଧାପକ ତଥା ନାକ୍ କମିଟି ସଂଯୋଜକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ସହ ସଂଯୋଜକ ଅଧାପକ ସନ୍ତୋଷ କୁମାର ସାହୁ କହିଛନ୍ତି। ଏହି କଲେଜ ପୂର୍ବରୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପକ୍ଷରୁ ଅନୁଦାନପ୍ରାପ୍ତ ହୋଇଥିଲା। ସମ୍ପ୍ରତି ନାକ୍ ମାନ୍ୟତା ହାସଲ କରି ପାରିଥିବାରୁ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଖେମୁଣ୍ଡି ବିଦ୍ୱାନ ଆଲୁମିନି ସଂଘ ସଭାପତି, ସମ୍ପାଦକ, କଲେଜ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା, ଅଧାପିକା, ଅଧାପକ ଓ କର୍ମଚାରୀବୃନ୍ଦ ନାକ୍‌ର ଜାତୀୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଏନ୍‌ଏସି ଉନ୍ନୟନ କାର୍ଯ୍ୟ ଅଗ୍ରଗତି ସମୀକ୍ଷା
### ଅଧାପନ୍ତରିଆ ପ୍ରକଳ୍ପ କାମ ସାରିବାକୁ ନିଷ୍ପତ୍ତି

**ଦିଗପହଣ୍ଡି,୧୭।୭(ଡି.ଏନ.ଏ.):** ଦିଗପହଣ୍ଡି ଏନ୍‌ଏସିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପ୍ରଶାସକ ପ୍ରତାପ ଚନ୍ଦ୍ର ମଣ୍ଡଳ ଅଧକ୍ଷତା କରିଥିଲେ। ଅଧାପନ୍ତରିଆ ଅବସ୍ଥାରେ ଦୀର୍ଘଦିନ ଧରି ପଡ଼ିରହିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ଚାଲୁ ରହିଥିବା ଗୋଷ୍ଠୀଗତ ଶୌଚାଳୟ ନିର୍ମାଣ, ଆବାସ ଯୋଜନା, ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ, ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ କମ୍ପୋଷ୍ଟ ପିଟ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଲାଗି ଆଲୋଚନା କରାଯାଇଥିଲା। ସ୍ୱଚ୍ଛ ଭାରତ ଯୋଜନାରେ ସହରକୁ ସବୁଜ ସୁନ୍ଦର କରାଯିବା ପାଇଁ ବ୍ୟାପକ ଚାରାରୋପଣ ସହ ପ୍ରତି ୱାର୍ଡ ସ୍ତରରେ ଖୋଲା ଶୌଚମୁକ୍ତ ସଚେତନତା ସଭା ଆୟୋଜନ କରାଯିବା, ଏନ୍‌ଏସି ପକ୍ଷରୁ ସହରର ପ୍ରତି ପରିବାରଙ୍କୁ ବଣ୍ଟନ କରାଯାଇଥିବା ନୀଳ ଓ ସବୁଜ ଡଷ୍ଟବିନ୍‌ରେ ପୃଥକ୍ ଭାବେ ପକାଯାଇଥିବା ଅଳିଆଗୁଡ଼ିକୁ ଅଳିଆ ବୋଝେଇ ଗାଡ଼ି ଦ୍ୱାରା ସଂଗ୍ରହ କରାଯିବା, ସେଗୁଡ଼ିକୁ ଏନ୍‌ଏସିର ଡମ୍ପିଂୟାର୍ଡରେ ପକାଯାଇ ନଷ୍ଟ କରାଯିବା ନିଷ୍ପତ୍ତିର ସମୀକ୍ଷା କରାଯାଇଥିଲା। ସହରକୁ ପଲିଥିନମୁକ୍ତ ସହର ଭାବେ ଗଢ଼ି ପ୍ରତିଦିନ ବ୍ୟବସାୟୀଙ୍କ ଦୋକାନ ପ୍ରତିଷ୍ଠାନ ଉପରେ ଚଢ଼ାଉ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଇଂ. ଏ. ମୋହନ ରାଓ ସୁବୁଦ୍ଧି, ଇଂ. ମମତା ପଣ୍ଡା, ଇଂ. ପବିତ୍ରା ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମଧୁବାବୁ ଆଇନ ସହାୟତା ଯୋଜନା ବାଟବଣା

**ପୁରୁଷୋତ୍ତମପୁର, ୧୭।୭(ଡି.ଏନ୍.ଏ.)**

■ଘୋଷଣାରେ ସୀମିତ ଯୋଜନା
■୩ ବର୍ଷ ହେଲା ଚାହିଁ ରହିଛନ୍ତି ଆଇନଜୀବୀ

ରାଜ୍ୟ ସରକାର ଗରିବ ଲୋକଙ୍କୁ ଆଇନ ସହାୟତା ଯୋଗାଇ ଦେବାକୁ ମଧୁବାବୁ ଆଇନ ସହାୟତା ଯୋଜନା ପ୍ରଣୟନ କରିଥିଲେ। ମାତ୍ର ଏହି ଯୋଜନା ଏବେ ସରକାରୀ ଫାଇଲର ନାଲି ଫିତାତଳେ ରହିଯାଇଛି। ଯାହାକୁ ନେଇ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସମେତ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୨୦୧୬ରେ ସରକାର ମଧୁବାବୁ ଆଇନ ସହାୟତା ଯୋଜନା ପ୍ରଣୟନ କରିଥିଲେ। ଗ୍ରାମାଞ୍ଚଳର ଲୋକମାନଙ୍କୁ ଆଇନ ସହାୟତା ଯୋଗାଇ ଦେବାକୁ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରିଥିଲେ। ଆଇନ ବିଭାଗ ପକ୍ଷରୁ ନଂ.୧୦୭୪୬/୨୬।୧୦।୨୦୧୬ ଓ ୧୧୭୦୯/୨୨।୧୧।୨୦୧୬ରେ ସମସ୍ତ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ। ଚିଠି ପାଇ ସମ୍ପୃକ୍ତ ଜିଲାର ଜିଲାପାଳ ବିଡିଓମାନଙ୍କୁ ଏବଂ ବିଡିଓମାନେ ଅଞ୍ଚଳରେ ଥିବା କୋର୍ଟ ଏବଂ ଓକିଲ ସଂଘମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ପଞ୍ଚାୟତ ସ୍ତରରେ ଆଇନ ସହାୟତା ସେଲରେ ନିଯୁକ୍ତି ଲାଗି ଆବେଦନ କରିବାକୁ କହିଥିଲେ। ରାଜ୍ୟରେ ଥିବା ୩୧୪ ବ୍ଲକର ୬ହଜାର ୭୯୮ ପଞ୍ଚାୟତର ଜନସାଧାରଣଙ୍କ ସମେତ ଆଇନଜୀବୀ ଉତ୍ସାହିତ ହୋଇପଡିଥିଲେ। ଆଇନ ବିଭାଗରୁ ଚିଠି ପାଇ ଗଞ୍ଜାମର ପୂର୍ବତନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ ଜିଲାର ସମସ୍ତ ବିଡିଓଙ୍କୁ ଚିଠି କରିଥିଲେ। ପୁରୁଷୋତ୍ତମପୁରର ତତ୍କାଳୀନ ବିଡିଓ ଲୋକନାଥ ଦଳବେହେରା ୭ ଡିସେମ୍ବର ୨୦୧୬ରେ ନଂ.୫୩୮୭ରେ ଚିଠିକରି ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାରପତି ଏବଂ ଓକିଲ ସଂଘକୁ ଜଣାଇ ଥିଲେ। ବ୍ଲକର ୨୬ ପଞ୍ଚାୟତର ଲୋକେ ଆଇନ ସହାୟତା ପାଇବାକୁ ଆଶା ରଖିଥିବା ବେଳେ ଆଇନଜୀବୀ ମଧ୍ୟ ନିଯୁକ୍ତି ଆଶାରଖିଥିଲେ। କୋର୍ଟ ମାଧ୍ୟମରେ ବ୍ଲକ ପ୍ରଶାସନ ନିକଟରେ ଆବେଦନ ମଧ୍ୟ କରିଥିଲେ। ମାତ୍ର ଆଶା ଆଶାରେ ହିଁ ରହିଯାଇଛି। ୩ବର୍ଷ ପରେ ମଧ୍ୟ କୌଣସି ପଞ୍ଚାୟତରେ ସହାୟତା କେନ୍ଦ୍ର ଖୋଲିନାହିଁ। ଆଇନଜୀବୀମାନେ ଆବେଦନ କରିଥିବା ଦରଖାସ୍ତ ସରକାରୀ ଫାଇଲ ନାଲି ଫିତାତଳେ ବନ୍ଧାହୋଇ ରହିଛି।

### ଏମାନେ କୁହନ୍ତି ....

ସରକାର ଙ୍କ ଏହି ନୀତି ଓକିଲ ସମାଜ ପ୍ରତି ତାଚ୍ଛଲ୍ୟତା ସହ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା ସଦୃଶ୍ୟ ଅଟେ। ସରକାରଙ୍କ ଯଦି ସମସ୍ତ ପଞ୍ଚାୟତ ରେ ମଧୁବାବୁ ଆଇନ କେନ୍ଦ୍ର ଖୋଲିବାକୁ ସାହାସ ନଥିଲା ଘୋଷଣା କରୁଥିଲେ କାହିଁକି। ସରକାର ତୁରନ୍ତ ପଦକ୍ଷେପ ନେଇ ପୁରୁଷୋତ୍ତମପୁର ବ୍ଲକ ସମେତ ସମସ୍ତ ଜିଲାରେ ଯଥାଶୀଘ୍ର ଆଇନ ସହାୟତା କେନ୍ଦ୍ର ଖୋଲିବା ଲାଗି ଦାବିକରୁଛୁ।

**– ଉପେନ୍ଦ୍ର ପଣ୍ଡା, ପୂର୍ବତନ ସଭାପତି, ପୁରୁଷୋତ୍ତମପୁର ଓକିଲ ସଂଘ**

ସରକାର ଯେଉଁ ସବୁ ଯୋଜନାର ଘୋଷଣା କରୁଛନ୍ତି ତାହାର ସ୍ଥାୟୀତ୍ୱ ନାହିଁ। ନିର୍ବାଚନୀ ବୈତରଣୀ ପାରହେବା ଲାଗି ଏହି ଯୋଜନାର ଘୋଷଣା କରିଥିଲେ। ଓକିଲ ସମାଜ ପ୍ରତି ସରକାରଙ୍କ ଏହା ଏକ ଉଦ୍ଭଟ ଚିନ୍ତା ଧାରା।

**– ଅରୁଣ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ**

ମଧୁବାବୁ ଆଇନ ସହାୟତା ଯୋଜନା ସରକାରଙ୍କ ଏକ ରାଜନୈତିକ ଚାଲ୍‌ଥିଲା। ଗତ ପଞ୍ଚାୟତ ନିର୍ବାଚନୀକୁ ଆଖିଆଗରେ ରଖି ରାଜନୈତିକ ଫାଇଦା ନେବା ଲାଗି ଏହା ସରକାରଙ୍କ ଏକ ପ୍ରୟାସ ଥିଲା। ଆଇନଜୀବୀ ସମାଜ ପ୍ରତି ଏହା ଏକ ଉପହାସ ହୋଇ ଥିବା ବେଳେ ଗ୍ରାମାଞ୍ଚଳର ଲୋକମାନଙ୍କୁ ଭୂଆଁ ବୁଲାଇଛନ୍ତି।

**– ରମାରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ**

# ଜଙ୍ଗଲ ଆଇନ ସଂଶୋଧନ ପ୍ରସ୍ତାବ ବିରୋଧରେ ଗଣ ଅଭିଯାନ



ଗଣ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୧୭।୭(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଙ୍ଗଲ ଆଇନ ସଂଶୋଧନ ଲାଗି ନିଆଯାଇଥିବା ପ୍ରସ୍ତାବ ବିରୋଧରେ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର୍ କିଷାନ ସଭା ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହି ସଙ୍ଗଠନ ସହବନ୍ଧିତ ଓଡିଶା ଚାଷୀମୂଲିଆ ସଂଘ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଆସିକାସ୍ଥିତ ଅଶୋକା କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଏକ ପ୍ରତିନିଧିସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଇନ ଫଳରେ ଦେଶର ୧୬ ରାଜ୍ୟରେ ଜଙ୍ଗଲରେ ବସବାସ କରୁଥିବା ୧୧ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଜୀବନ ଜୀବିକା ଓ ବାସସ୍ଥାନରୁ ଉଚ୍ଛେଦ ହେବେ ବୋଲି ଅଭିଯୋଗ କରାଯାଇଛି। ଏଣୁ ରାଜ୍ୟର ଜଙ୍ଗଲରେ ବସବାସ କରୁଥିବା ୫ଲକ୍ଷ ଆଦିବାସୀ ଓ ବନବାସୀଙ୍କ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧନ ଦ୍ୱାରା ଜଙ୍ଗଲର ମୂଳନିବାସୀ ଆଦିବାସୀମାନଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ବିନାଅନୁମତିରେ ମାମଲା ରୁଜୁସହ ସେମାନଙ୍କ ଅଧିକାରକୁ ସଙ୍କୁଚିତ କରିବା ଲାଗି ଏକ ବିଧିବଦ୍ଧ ଷଡଯନ୍ତ୍ର ବୋଲି ଅଭିଯୋଗ ହୋଇଛି। ଏନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘର ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ମୋହନ ନାଇଡୁ ଏବଂ ଜିଲା ସମ୍ପାଦକ ନିରାକର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ସଚେତନତା

**ଖଲ୍ଲିକୋଟ,୧୭।୭(ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ଅଧିକାରୀ ଓ ଚାଷୀ।

ଖଲ୍ଲିକୋଟ କୃଷି କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣଶରଣପୁର ଓ ବାକୁଟ ଗାଁରେ କୃଷି ଅଧିକାରୀମାନେ ଉପସ୍ଥିତ ରହି ଚାଷୀଙ୍କୁ ଫସଲ ବୀମା ଯୋଜନା ଓ ବିହନ ବିଶୋଧନ ସମ୍ପର୍କରେ ବୁଝାଇଥିଲେ। ଚିକିଲି ଏଏଓ ଜୟଲକ୍ଷ୍ମୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ବିଦୂର ସେଠ୍ ମାଝୀ, ଖଲ୍ଲିକୋଟ ଏଏଓ ସାଲାଡ଼ି ମୁର୍ମୁ, ବିଟିଏମ ଆଶୁତୋଷ ବଳିଆରସିଂ, ଏଟିଏମ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫସଲ ବୀମା କରିବା ଦ୍ୱାରା ଚାଷୀର ଲାଭ ସମ୍ପର୍କରେ କୃଷି ଅଧିକାରୀମାନେ ବୁଝାଇଥିଲେ। ସେହିପରି ଏଏଓ ଜୟଲକ୍ଷ୍ମୀ ସାହୁ ବିହନ ବିଶୋଧନ କିପରି କରାଯିବ ତା'ର ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଶ୍ରୀକୃଷ୍ଣଶରଣପୁରର କୁନ୍ତଳା ପରିଡ଼ା, ଈଶ୍ୱର ପାହାନ ପ୍ରମୁଖ କୃଷି ଉପକରଣରେ ସବ୍‌ସିଡି ଅର୍ଥ ଦୀର୍ଘଦିନ ପରେ ମଧ୍ୟ ଚାଷୀ ପାଉ ନ ଥିବା ଅଭିଯୋଗ କରିଥିଲେ। ସେହିପରି ଚାଷୀ ପ୍ରଫୁଲ୍ଲ ନାହାକ କୃଷି କାର୍ଯ୍ୟାଳୟରୁ ମିଳୁଥିବା ଔଷଧ ଜମିରେ ପକାଇଲେ ଠିକ୍ କାମ କରୁନଥିବା ଅଭିଯୋଗ କରିଥିଲେ। କୃଷକ ସାଥୀ ଗାନ୍ଧୀ ପାହାନ, ଚାଷୀ ସନ୍ତୋଷ ନାହାକ ପ୍ରମୁଖ ପୂର୍ବବର୍ଷ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ବହୁ ଧାନ ଫସଲ ଜମି ପାଣିରେ ବୁଡ଼ି ନଷ୍ଟ ହୋଇଥିଲେ ସୁଦ୍ଧା କୌଣସି କ୍ଷତିପୂରଣ ମିଳିନଥିବା ଅଭିଯୋଗ କରିଥିଲେ। ସରକାରଙ୍କ ନୀତି ଓ ନିୟମ ମଧ୍ୟରେ ସର୍ଭେ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଇଥାଏ ବୋଲି ଡିଡିଓ ସେଠ୍ ମାଝି ପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ କୃଷି ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିବାରୁ ବହୁ ଚାଷୀ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

### ଖେମୁଣ୍ଡି ମିନି ବସ ମାଲିକ ସଂଘର ଅସନ୍ତୋଷ

**ଦିଗପହଣ୍ଡି,୧୭।୭(ଡି.ଏନ.ଏ.)**

ବ୍ରହ୍ମପୁର ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ଗାଡି ଚଳାଚଳ ନେଇ ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ମିନିବସ ମାଲିକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମପୁର ଫାଷ୍ଟ ଗେଟରୁ ହଳଦିଆପଦର ଭାୟା ଅନ୍ଧପସରା ରୋଡ ଖରାପ ଥିବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହେବ। ଓଭରବ୍ରିଜ ନ ଥିବାରୁ ଯାତ୍ରୀବାହୀ ମିନି ବସ୍ ଚଳାଚଳରେ ବାଧା ଉପୁଜିବାର ଆଶଙ୍କା ରହିଛି। ଏ ନେଇ ବସ ମାଲିକ ସଂଘ ସଭାପତି ଅଳକ ନାଥ ମିଶ୍ର ଓ କାର୍ଯ୍ୟକର୍ତ୍ତା ପ୍ରମୋଦ କୁମାର ଗୌଡ, ବିବେକାନନ୍ଦ ସାହୁ, ଟୁନା ସେଠୀ ପ୍ରମୁଖ ମଙ୍ଗଳବାର ବ୍ରହ୍ମପୁର ବିଡିଏ ସମ୍ମିଳନୀ କକ୍ଷରେ ଗଞ୍ଜାମ ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ, ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ରଙ୍କୁ ଜଣାଇଛନ୍ତି।

■ ସୁଧୁରୁନି ପାନୀୟ ଜଳ ଅଭାବ

# ପାଇପ୍ ପାଇଁ ରାସ୍ତା ଖୋଳି ପୋତିଲେନି

**କବିସୂର୍ଯ୍ୟନଗର,୧୭।୭**

କବିସୂର୍ଯ୍ୟନଗରରେ ପାନୀୟ ଜଳ ଅଭାବ ଲାଗି ରହିଛି। ଲୋକେ ମାସିକ ବିଲ ଦେଉଥିଲେ ମଧ୍ୟ ଘରକୁ ପାଣି ଆସିବା ଦୂରର କଥା ଷ୍ଟାଣ୍ଡପୋଷ୍ଟରେ ସପ୍ତାହକୁ ଥରେ ପାଣି ଆସୁଥିବା ଅଭିଯୋଗ ହେଉଛି। ତାହା ପୁଣି କେଉଁ ଦିନ ଆସିବ ସେଥିପାଇଁ ଚାତକ ଭଳି ଚାହିଁ ବସିବାକୁ ପଡୁଛି। ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଇ ଜନସ୍ୱାସ୍ଥ୍ୟ ବିଭାଗ ଅଧ ଘଣ୍ଟାଏରୁ କମ ସମୟ ଜଳ ଯୋଗାଣ କରୁଛି। ଷ୍ଟାଣ୍ଡପୋଷ୍ଟ ଆଗରେ ଲମ୍ବା ଲାଇନ ଲାଗି ରହୁଛି। ସେହିପରି ଉପରମୁଣ୍ଡ ତେଲିସାହି, କୁମୁଟି ସାହି, ନେତାଜୀ ରୋଡ, ସର୍ବମଙ୍ଗଳା ମାର୍ଗ ଆଦି ଅଞ୍ଚଳର ଲୋକେ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଉପର ଅଞ୍ଚଳକୁ ଜଳଯୋଗାଣ ପାଇଁ ୧୦ ଫୁଟରୁ ଊର୍ଦ୍ଧ୍ୱ ଗାତ କରି ପାଇପ ବିଛା କାର୍ଯ୍ୟ ହୋଇଛି। ୩ ମାସ ଏହି କାର୍ଯ୍ୟ ଚାଲିଥିଲେ ମଧ୍ୟ ପାଇପ ପଡ଼ି ପାରିଲାନି। ସର୍ବମଙ୍ଗଳା ମାର୍ଗର ରାସ୍ତାରେ ଖୋଳାଯାଇଥିବା ରାସ୍ତା ଏ ଯାଏ ପୋତା ହେଲାନି। ବିଭିନ୍ନ ସମୟରେ ଏଥିପାଇଁ ଦୁର୍ଘଟଣା ଘଟୁଛି। ବର୍ଷା ହେଲେ ଯାନବାହାନ ଚଳାଚଳ ମୁସ୍କିଲ ହୋଇପଡୁଛି। ଅଭିଯୋଗ ଶୁଣିବାକୁ କାର୍ଯ୍ୟାଳୟରେ କେହି ରହୁନାହାନ୍ତି। ବ୍ରହ୍ମପୁରରେ ରହୁଥିବା ଯନ୍ତ୍ରୀ ମାସକୁ ଥରେ ଅଧେ ଆସି ତଦାରଖ କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ଫୋନ ଯୋଗେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ସସ୍ମିତା ସାହୁଙ୍କ ସହ ଯୋଗଯୋଗ କରିବାରେ ସେ କହିଛନ୍ତି, ଉପର ଅଞ୍ଚଳକୁ ଜଳ ଯୋଗାଣ ପାଇଁ ଆହୁରି ଗଭୀର ଗାତ ଖୋଳିବା ଆବଶ୍ୟକ ହେଉଥିଲେ ମଧ୍ୟ ବଡ଼ ପଥର ପଡ଼ି ଯାଇଥିବା ଯୋଗୁ ତାହା ସମ୍ଭବ ହେଉନାହିଁ। ଖୋଳାଯାଇଥିବା ଗାତ ଖୁବଶୀଘ୍ର ପୋତି ଦିଆଯିବ ବୋଲି ଯନ୍ତ୍ରୀ କହିଛନ୍ତି।

# ବିଭିନ୍ନ ସ୍ଥାନରେ ଚାରାରୋପଣ

**ଧରାକୋଟ,୧୭।୭(ଡି.ଏନ.ଏ.)**


ହାତୀଓଟ: ଏକ ସ୍କୁଲରେ ହାତଧୁଆ ପ୍ରଣାଳୀ ସମ୍ପର୍କରେ ପିଲାଙ୍କୁ ବୁଝାଯାଉଛି।

ଧରାକୋଟ ବ୍ଲକ, ତହସିଲ ଏବଂ ବରଡ଼ାବାଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ସାମିଲ ହୋଇଥିଲେ। ତହସିଲଦାର ଗଦାଧର ପାତ୍ର, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲିକ, ବିଡିଓ ଅଜୟ କୁମାର ପ୍ରଧାନ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସହକାରୀ ଯନ୍ତ୍ରୀ ମୋହନ ସାହୁ, ବରଡ଼ାବାଲି ରାଜସ୍ୱ ନିରୀକ୍ଷକ ଭାଗୀରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକୃତିର ଭାରସାମ୍ୟ ରଖିବା ପାଇଁ ଚାରାରୋପଣର ଗୁରୁତ୍ୱ ରହିଛି। ତେଣୁ ବ୍ୟାପକ ଗଛ ଲଗାଇବା ପାଇଁ ଉପଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡିରୁ ୫୦ କିମି ଦୂର ଉମ୍ବାଳ ଗ୍ରାମ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ ପରିସରରେ ମଙ୍ଗଳବାର ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ସଭାରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଖଣ୍ଡୁଆଳ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ କୁମାର କାର୍ଜୀ ମୁଖ୍ୟ ଅତିଥି ଓ ଗୋଷ୍ଠୀ ସାଧନ କର୍ମୀ ନୀଳକଣ୍ଠ ରଇତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ ଗୋଟିଏ ଲେଖାଏ ଚାରାରୋପଣ କରିଥିଲେ।

**ହାତୀଓଟ:** ପୋଲସରା ବ୍ଲକ ଭାଟଖାଲି ଗ୍ରାମରେ ଥିବା ୧ନଂ. ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କେନ୍ଦ୍ର ପରିସରରେ ଗ୍ରାମର ଧନଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଚାରାରୋପଣ କରାଯାଇଛି। ଭାଟଖାଲି ୧ ନଂ. ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମମତା ଜେନାଙ୍କ ପ୍ରଚେଷ୍ଟାରେ ଗୃହ ଚାରିପାଖେ ବିଭିନ୍ନ ପ୍ରକାର ଚାରାରୋପଣ କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଇଛି। କର୍ମୀ ଜେନାଙ୍କ ସହ ଅନ୍ୟ ୩ ଜଣ ସମନ୍ୱିତ ଶିଶୁ ବିକାଶର କର୍ମୀ ଓ ଆଶାକର୍ମୀ ମିଶି ନିକଟସ୍ଥ ନୋଡାଲ ସ୍କୁଲକୁ ଯାଇ ହାତଧୁଆ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ।

ଗ୍ରାନାଇଟ କମ୍ପାନୀର ୨ କର୍ମଚାରୀଙ୍କୁ ଆକ୍ରମଣ ମାମଲା

# ୧୦ ଦୁର୍ବୃତ୍ତଙ୍କ ପତ୍ତା ପାଇନି ପୋଲିସ

**ଦିଗପହଣ୍ଡି,୧୭।୭(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଅଧୀନ ମହୁଡ଼ା ଗ୍ରାମ ନିକଟରେ ଥିବା ଶେଖାୱତ ଗ୍ରାନାଇଟ କମ୍ପାନୀର ୨ କର୍ମଚାରୀଙ୍କୁ ରବିବାର ରାତିରେ ଦାଦାବଟି ପାଇଁ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳିନି। ବ୍ରହ୍ମପୁର ପୁରୁଣା ଖ୍ରୀଷ୍ଟିଆନ ସାହିରେ ରହୁଥିବା କମ୍ପାନୀ ମାଲିକ ଜିତେନ୍ଦ୍ର ସିଂ ଶେଖାୱତଙ୍କ ଏତଲାକ୍ରମେ ଏକ ମାମଲା (ନଂ ୧୨୭/୧୯) ରୁଜୁ କରାଯାଇଛି। ରବିବାର ରାତି ପ୍ରାୟ ୧୦ଟାରେ ୫ଟି ବାଇକ୍‌ରେ ୧୦ ଜଣ ମୁଖାଧାରୀ ଯୁବକ ଜୋର ଜବରଦସ୍ତ କମ୍ପାନୀ କାର୍ଯ୍ୟାଳୟ ଭିତରକୁ ପଶିଥିଲେ। ଟାର୍ଗେଟ ଥିଲା ମାଲିକଙ୍କୁ ମାଡ଼ମାରି ଟଙ୍କା ଲୁଟିବା। କିନ୍ତୁ ମାଲିକ କିଛି ସମୟ ପୂର୍ବରୁ ବିକ୍ରିଲବ୍ଧ ଅର୍ଥରାଶି ନେଇ ଘରକୁ ଚାଲି ଯାଇଥିବାରୁ ଦୁର୍ବୃତ୍ତମାନେ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପ୍ରତିବାଦ କରିବାରୁ ମାଲିକଙ୍କ ଭଣଜା ତଥା କମ୍ପାନୀ ମ୍ୟାନେଜର ଦେବୀ ସିଂ ଏବଂ ରାତି ଜଗୁଆଳି ବୁଦ୍ଧୁ ସେଠୀଙ୍କୁ ଖଣ୍ଡାରେ ଆକ୍ରମଣ କରି ମ୍ୟାନେଜରଙ୍କୁ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ମ୍ୟାନେଜର ସେମାନଙ୍କ ଗୋଡ଼ ହାତ ଧରି ଆମେ ଟଙ୍କା କେଉଁଠୁ ଆଣିବୁ କହି ମାଡ଼ ନ ମାରିବାକୁ ନେହୁରା ହୋଇଥିଲେ। ପରେ ଦୁର୍ବୃତ୍ତମାନେ ଚାଲିଯାଇଥିଲେ। କମ୍ପାନୀ ମାଲିକ ପହଞ୍ଚି ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସୋମବାର ଅପରାହ୍ନରେ ସେ ଏତଲା ଦେବା ପରେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲା। କିନ୍ତୁ ସେମାନଙ୍କ କୌଣସି ପତ୍ତା ମିଳିନଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

**ବୁଗୁଡ଼ା,୧୭।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଗୋଳିଆ ଗ୍ରାମ ୫ନଂ. ୱାର୍ଡରେ ଥିବା ତେଲୁଗୁସାହି ରାସ୍ତା ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇଛି। ଏହାର ମରାମତି ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଗୋଳିଆ ୫ନଂ. ୱାର୍ଡର ତେଲୁଗୁ ସାହି ବାରିପଟ ରାସ୍ତା ୪ ବର୍ଷ ହେଲା ମରାମତି ହୋଇନାହିଁ। ଫଳରେ ଖାଲଖମାରେ ଭର୍ତ୍ତି ହେବା ସହ ପାଣି ଜମି ରହୁଛି। ବାଧ୍ୟ ହୋଇ ନର୍ଦ୍ଦମା ପାଣିରେ ପଶି ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଯାତାୟାତ କରୁଛନ୍ତି। ପାଣି ଜମି ରହିବା ଫଳରେ ମଶାମାଛିଙ୍କ ବଂଶବୃଦ୍ଧି ଘଟୁଛି। ଏହି ରାସ୍ତା ମରାମତି ପାଇଁ ୨ ବର୍ଷ ତଳେ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ କାମ କରୁନାହିଁ। ଅପରପକ୍ଷରେ ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ତରଫରୁ ବ୍ଲକ ପ୍ରଶାସନକୁ ଜଣାଇ ଦିଆଯାଇଥିଲେ ମଧ୍ୟ ଏଯାଏ ସମାଧାନ କରାଯାଇନାହିଁ। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ାଙ୍କୁ ପଚାରିବାରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ପଦକ୍ଷେପ ନେବି ବୋଲି କହିଥିଲେ।


ରାସ୍ତାରେ ନର୍ଦ୍ଦମା ପାଣି ଭାସୁଛି।

# ୭ ମାସ ହେଲା ଅଙ୍ଗନୱାଡି କେନ୍ଦ୍ରରେ ମିଳିନି ରନ୍ଧାଖାଦ୍ୟ

**ଜଗନ୍ନାଥପ୍ରସାଦ,୧୭।୭(ଡି.ଏନ.ଏ.)**

ଶିଶୁ ଓ ପ୍ରସୂତିଙ୍କ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି।ଏଥିପାଇଁ ବ୍ଲକରେ ସମନ୍ୱିତ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ସେଠାରେ ଜଣେ ଅଧିକାରୀ ସମେତ ସେକ୍ଟର ୱାରି ସୁପରଭାଇଜର, ଶତାଧିକ ଅଙ୍ଗନୱାଡି ଦିଦି ନିୟୋଜିତ ଅଛନ୍ତି। କିନ୍ତୁ କେଉଁଠି ଅଙ୍ଗନୱାଡି ଗୃହ ନାହିଁ ତ କେଉଁଠି ଗୃହ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଅଞ୍ଚଳର ଚୋପ୍ରା ଗ୍ରାମର ଅଙ୍ଗନୱାଡି (ଏ) କେନ୍ଦ୍ରରେ। ୬ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି କେନ୍ଦ୍ର ବହୁ ସମସ୍ୟା ଦେଇ ଗତି କରୁଛି। ଯାହା ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। କେନ୍ଦ୍ରରେ ଜଣେ ସେବିକା ସୁମିତ୍ରା ରହିଛନ୍ତି। ୧୪ ଜଣଙ୍କ ମଧ୍ୟରୁ ୩ ରୁ ୬ ବର୍ଷର ଛୁଆ, ଗର୍ଭବତୀ ଓ ପ୍ରସୂତି ମୋଟ ୨୦ଜଣ ଏବଂ ୬ ମାସରୁ ୩ ବର୍ଷ ମଧ୍ୟରେ ଛୁଆ ଅଛନ୍ତି। ଚୋପ୍ରା କେନ୍ଦ୍ର (ବି)ର କାର୍ଯ୍ୟରତ ଅଙ୍ଗନୱାଡି ଦିଦି ସୁନୀତା କୁମାରୀ ନାଇକଙ୍କୁ କେନ୍ଦ୍ର (ଏ )ର କାର୍ଯ୍ୟଭାର ସମ୍ଭାଳିବାକୁ ନିର୍ଦ୍ଦେଶ ଥିବା କୁହାଯାଇଛି। ପୂର୍ବରୁ ଦୁଇବର୍ଷ କେନ୍ଦ୍ର ବନ୍ଦ ଥିବା ବେଳେ ବର୍ତ୍ତମାନ ୭ ମାସ ଧରି ଏଠାରେ ରୋଷେଇ ହେଉନାହିଁ। ଫଳରେ ରନ୍ଧାଖାଦ୍ୟରୁ ଶିଶୁମାନେ ବଞ୍ଚିତ ହେଉଛନ୍ତି। ଏଠାରେ ଜଣେ କର୍ମୀ ଠିକ୍ ଭାବେ କାମ ନ କରିବାରୁ ତାଙ୍କୁ ବାହାର କରିଦେବା ପରେ ଆଉଜଣଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦିଆଯାଇଥିଲା। କିଛି ଦିନ ପରେ ସେ ମଧ୍ୟ ଚାକିରି ଛାଡି ଦେଇଥିଲେ। (ବି) କେନ୍ଦ୍ରର ସୁନୀତାଙ୍କ କହିବା ପ୍ରକାରେ (ଏ) କେନ୍ଦ୍ରରେ ପଦବୀ ଖାଲି ପଡିଲେ ଅଫିସରୁ ମୋତେ ଦାୟିତ୍ୱ ପଡ଼ିଥାଏ। ଯାହା ମୋ ପାଇଁ ମଧ୍ୟ ସମସ୍ୟା ହେଉଛି। ଏ ନେଇ ସୁପରଭାଇଜର କେ.ବାସନ୍ତୀଙ୍କୁ ପଚାରିବାରୁ ଅଭିଭାବକଙ୍କ ଦ୍ୱାରା ହୋଇଥିବା ତ୍ରୁଟି ଯୋଗୁ ଏହି ସମସ୍ୟା ହୋଇଛି। କାରଣ କେନ୍ଦ୍ରରେ ଇଚ୍ଛୁକ ପାର୍ଥୀଙ୍କୁ ଚୟନ କରି ଦେବା ସମ୍ପୂର୍ଣ ଅଧିକାର ଥିଲେ ମଧ୍ୟ ବାଛିଥିବା ପାର୍ଥୀ ଅଧା ମାସରୁ ଚାକିରି ଛାଡୁଛନ୍ତି ଏବଂ ଦ୍ୱିତୀୟରେ ଅଞ୍ଚଳରେ ଥିବା ଇଣ୍ଡିଆନ ବ୍ୟାଙ୍କର ଏହି ଦାୟିତ୍ୱରେ ଥିବା କର୍ମଚାରୀ ଆବଶ୍ୟକ ସ୍ଥଳେ ଆକାଉଣ୍ଟଧାରୀ ନାମ ବାରମ୍ବାର ପରିବର୍ତ୍ତନ ହେଉଥିବାରୁ ଆମ ଅନୁରୋଧ ସତ୍ତ୍ୱେ ସେମାନେ ନାମ ପରିବର୍ତ୍ତନ କରୁନାହାନ୍ତି। ଫଳରେ କେନ୍ଦ୍ରରେ ଖର୍ଚ୍ଚ ହେବାକୁ ଆସୁଥିବା ଟଙ୍କା ଉଠାଣ ହୋଇପାରୁନି। ଯାହା ଫଳରେ ରନ୍ଧା ଖାଦ୍ୟ ତିଆରି ହୋଇପାରିନି। ବର୍ତ୍ତମାନ ପୁଣି ଆବେଦନ ପ୍ରକ୍ରିୟା ହୋଇ ସାରିଲାଣି। ଚଳିତ ମାସ ଭିତରେ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

